Bhubaneswar- 6 July 2026
ଭୁବନେଶ୍ୱର- ୬ ଜୁଲାଇ ୨୦୨୬
Vol- 1 Issue - 70
ଭାଗ- ୧ ସଂଖ୍ୟା- ୭୦
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୭୦୧୦୦୭

ଲଗାଣ ବର୍ଷାରେ ଉବୁଟୁବୁ ଓଡ଼ିଶା

- ଜଳମୟ ଗାଁରୁ ସହର
- ପୁଇଁତଳାରେ କାନ୍ଥପଡ଼ି ଜଣଙ୍କ ମୃତ୍ୟୁ
- କାଠ ଆଣିବାକୁ ଯାଇ ଫସିଲେ ୨ ମହିଳା
- ବଙ୍ଗୋପସାଗରରେ ଅବପାତ ସୃଷ୍ଟି : ପ୍ରବଳ ବର୍ଷା
- ରାଜ୍ୟରେ ସ୍ୱାଭାବିକଠାରୁ ୪% ଅଧିକ ବର୍ଷା
- ୭ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର: ୩-୪ ଧରି ଲଗାଣ ବର୍ଷା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ କ୍ଷୟକ୍ଷତି । ଗାଁରୁ ସହର, ଘର-ବାହାର, ରାସ୍ତାଘାଟ ରୁ ଚାଷଜମି । ସବୁଠି ଉବୁଟୁବୁ ସ୍ଥିତି । ନାହିଁନଥିବା ସମସ୍ୟା ଭୋଗୁଛନ୍ତି ତଳିଆ ଅଞ୍ଚଳ ଓ ନଈକୂଳିଆ ବାସିନ୍ଦା । ଦ୍ୱୈତନଗରୀ ଭୁବନେଶ୍ୱର-କଟକ ସ୍ଥିତି ବି ସଂଗୀନ । ସେପଟେ ବଲାଙ୍ଗିର ଜିଲ୍ଲା ପୁଇଁତଳାରେ କାନ୍ଥପଡ଼ି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ, ବୌଦ୍ଧରେ ୨ ମହିଳାଙ୍କୁ ମୃତ୍ୟୁମୁଖରୁ ଟାଣି ଆଣିଛନ୍ତି ଦେବଦୂତ । ଜୀବନକୁ ବାଜି ଲଗାଇ, ଜୀବନ ବଞ୍ଚାଇବାକୁ ଚେଷ୍ଟା । ଦଉଡ଼ିକୁ ଆଶ୍ରା କରି ଦୁର୍ବିପାକ ସହ ଲଢ଼େଇ । ବୌଦ୍ଧରେ ସାଲୁଙ୍କି ନଦୀ ପାଲଝାର ଡ୍ୟାମ୍ ତଳମୁଣ୍ଡକୁ କାଠ ଆଣିବାକୁ ଯାଇ ଫସିଯାଇଥିଲେ ୨ ମହିଳା । ଅଗ୍ନିଶମ ବାହିନୀ ଦେବଦୂତ ସାଜି ୩ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଉଭୟଙ୍କୁ ଉଦ୍ଧାର କରିଛି । ସେପଟେ ବଲାଙ୍ଗିର ଜିଲ୍ଲା ପୁଇଁତଳାରେ ମାଟିକାନ୍ଥ ଭୁଶୁଡ଼ି ଜଣଙ୍କ ମୃତ୍ୟୁ ଘଟିବା ସହ ତାଙ୍କ ପତ୍ନୀ ଗୁରୁତର ଅଛନ୍ତି । ସଇଁତଳା ଲାନ୍ଥ ନଦୀ ବନ୍ୟାଜଳରେ ବି ଫସି ରହିଥିଲେ ୩୦ଟି ଗାଈ ସହ ୨ ଗାଈଚରାଳି । ଲଗାଣ ବର୍ଷା କେଉଁଠି ଜନଜୀବନକୁ ବିପଦରେ ପକାଇଛି, ଆଉ କେଉଁଠି ଦୁର୍ବିସହ କରିଦେଇଛି ଜୀବନଯାତ୍ରା । ଏଠି ଘର ଭିତରେ ପୋଖରୀ, ନା ପୋଖରୀ ଭିତରେ ଘର କହିବା ମୁସ୍କିଲ । ବେହାଲ୍ ବରଗଡ଼ର ଟାଙ୍ଗରପଡ଼ା ବାସିନ୍ଦା । ଖଟରୁ ଓହ୍ଲାଇଲେ ଆଣ୍ଠୁଏ ପାଣି । ଡ୍ରେନେଜ୍ ବ୍ୟବସ୍ଥା ଠପ୍ ପଡ଼ିଥିବା ବେଳେ, ଲୋକଙ୍କୁ ପାଣି ପମ୍ପର ସହାୟତା ନେବାକୁ ପଡ଼ିଛି । ଟ୍ୱିନସିଟି ଭୁବନେଶ୍ୱର ଓ କଟକ କଥା ବି ନକହିବା ଭଲ । ଭୁବନେଶ୍ୱରର ରୁଦ୍ରବିହାର ଭଳି ବହୁ ଅଞ୍ଚଳ ଓ କଟକର ବଜ୍ରକବାଟି-ବକ୍ସିବଜାର ରାସ୍ତା ସମେତ ୩୦ଟି ସ୍ଥାନରେ ଉପୁଜିଛି ଜଳବନ୍ଦୀ ସ୍ଥିତି । କଟକରେ ୩ଶହଟି ପମ୍ପ୍ ଲଗାଇ ଜଳ ନିଷ୍କାସନ କରାଯିବା ସହ, ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ ବ୍ୟବସ୍ଥା ହୋଇଛି । ସେପଟେ ବଲାଙ୍ଗିର ଜିଲ୍ଲା ବେଲପଡ଼ାରେ ରାସ୍ତା ଉପରେ ପାଣି ଲହଡ଼ି ଭାଙ୍ଗୁଥିବା ବେଳେ, ରୋଗୀକୁ ନେଇ ଯାଉଥିବା ଆମ୍ବୁଲାନ୍ସ ବହୁ କଷ୍ଟରେ ରାସ୍ତା ପାରିହେଉଥିବା ଦେଖିବାକୁ ମିଳିଛି । ବୌଦ୍ଧ ଆଡ଼େଣିଗଡ଼ରେ ନିର୍ମାଣାଧୀନ ରେଳ ଟନେଲରେ ପାଣି ପଶି ପୋତି ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି । ଗତବର୍ଷ ମଧ୍ୟ ପାଣି ପଶି ଏହି ଟନେଲ ଭୁଶୁଡ଼ିଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରେ ୩୦ରୁ ଅଧିକ ଇଲେକ୍ଟ୍ରି ଖୁଣ୍ଟ ଉପୁଡ଼ିବା ସହ ରାସ୍ତା ଉପରେ ୧୧ କେଭି ତାର ଛିଣ୍ଡି ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି । ଅବିଶ୍ରାନ୍ତ ବର୍ଷାରେ ନଦୀ ଜଳସ୍ତର ବଢ଼ିବା ସହ, ଚାଷଜମି ଜଳମଗ୍ନ ହୋଇଛି । ଗଞ୍ଜାମ ଜିଲ୍ଲା ଭଞ୍ଜନଗର ହେଉ କି ଜଗତସିଂହପୁର । ବିଭିନ୍ନ ସ୍ଥାନରେ ଧାନ ତଳି ଓ ପରିବା ଚାଷ ନଷ୍ଟ ହେବାର ଚିନ୍ତା ଘାରିଛି । ଚାଷଜମି ଓ ପାନବରଜରେ ଲୁଣାପାଣି ପଶିବା ପରେ ଶଙ୍କାରେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଚାଷୀ । ତେବେ ସୁନ୍ଦରଗଡ଼ ଭଳି କିଛି ଜିଲ୍ଲାରେ ବର୍ଷା ଶୁଖିଲା ଜମିକୁ ଓଦା କରିବା ପରେ ଆରମ୍ଭ ହୋଇଛି ଚାଷ କାମ ।ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମଶଃ ଘନୀଭୂତ ହୋଇ ଅବପାତର ରୂପ ନେଇଛି। ବର୍ତ୍ତମାନ ଅବପାତଟି ବାଲେଶ୍ୱରର ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରୁ ପ୍ରାୟ ୫୦ କିଲୋମିଟର ଏବଂ ଚାନ୍ଦବାଲିର ଉତ୍ତରପୂର୍ବ ଦିଗରୁ ପ୍ରାୟ ୬୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ରହିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଅବପାତଟି ବର୍ତ୍ତମାନ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି। ଏହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ।ପ୍ରାଥମିକ ଆକଳନ ଅନୁସାରେ, ଅବପାତଟି ଚାନ୍ଦବାଲି ଓ ଦିଘା ମଧ୍ୟରେ ବାଲେଶ୍ୱର ନିକଟ ଦେଇ ଉପକୂଳ ଅତିକ୍ରମ କରିପାରେ। ଏହାର ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା, ଝଡ଼ ପବନ ଓ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ସତର୍କ ରହିବାକୁ କୁହାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ଏବଂ ସାଧାରଣ ଲୋକଙ୍କୁ ପାଣିପାଗ ବିଭାଗର ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଇଛି। ଅନ୍ୟପଟେ ଚଳିତ ମୌସୁମୀ ଋତୁରେ ରାଜ୍ୟରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ଅଧିକ ରହିଛି। ଜୁନ୍ ୧ ତାରିଖରୁ ଏଯାବତ୍ ଓଡ଼ିଶାରେ ମୋଟ ୨୬୫.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷାଠାରୁ ୪ ପ୍ରତିଶତ ଅଧିକ। ଏ ନେଇ ସୂଚନା ଦେଇଛନ୍ତି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି। ସୂଚନା ଅନୁଯାୟୀ, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଥିବାବେଳେ ୧୧ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଏବଂ ଆଉ ୧୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ଅନ୍ୟପକ୍ଷରେ, ୬ଟି ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ କମ୍ ରହିଛି। ସୁନ୍ଦରଗଡ଼, ଝାରସୁଗୁଡା, ଦେବଗଡ଼, ସମ୍ବଲପୁର, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ସେ କହିଛନ୍ତି। ଏପଟେ, ଲଘୁଚାପ ପ୍ରଭାବରେ ଆସନ୍ତାକାଲି ମଧ୍ୟ ରାଜ୍ୟର କିଛି ଅଞ୍ଚଳରେ ଅତ୍ୟଧିକ ବର୍ଷାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ୭ଟି ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ବରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗିର, ନୂଆପଡ଼ା, ବୌଦ୍ଧ, ଅନୁଗୁଳ ଏବଂ ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି।

ଭାସିଗଲେ ୩ ଯୁବକ : ୨ ଉଦ୍ଧାର, ଜଣେ ନିଖୋଜ

କଟକ: ମହାନଦୀର ନରାଜ ନିକଟସ୍ଥ ବୁଢ଼ା ବନ୍ଧରେ ରବିବାର ଏକ ଦୁଃଖଦ ଅଘଟଣ ଘଟିଛି। ବୁଢ଼ା ବନ୍ଧ ନିକଟରେ ବୁଲାବୁଲି କରୁଥିବା ବେଳେ ୩ ଜଣ ଯୁବକ ହଠାତ୍ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ସ୍ଥାନୀୟ ଲୋକମାନେ ୨ ଜଣ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। କିନ୍ତୁ ଅନ୍ୟ ଜଣେ ଯୁବକ ଏପର୍ଯ୍ୟନ୍ତ ନିଖୋଜ ରହିଛନ୍ତି। ନିଖୋଜ ଯୁବକ ଜଣକ ହେଲେ କଟକ ମାଛୁଆ ବଜାର ଅଞ୍ଚଳର । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ ଓ ପୁଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହି ଘଟଣା ପରେ ନଦୀ କୂଳରେ ବହୁ ସଂଖ୍ୟକ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଛି। ବର୍ଷା ଋତୁରେ ମହାନଦୀର ଜଳସ୍ତର ଓ ସ୍ରୋତ ବଢ଼ିଥିବାରୁ ନଦୀ କୂଳ ଓ ବନ୍ଧ ଅଞ୍ଚଳକୁ ବୁଲିବାକୁ ଯାଉଥିବା ଲୋକଙ୍କୁ ପ୍ରଶାସନ ସତର୍କତା ଅବଲମ୍ବନ କରିବାକୁ ବାରମ୍ବାର ପରାମର୍ଶ ଦେଉଛି। ନିଖୋଜ ଯୁବକଙ୍କ ସନ୍ଧାନ ମିଳିବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ଅଗ୍ନିଶମ ବିଭାଗ ସୂଚନା ଦେଇଛି।

ଭୂଦାନ ଜମିର ବଣ୍ଟନ ଓ ମ୍ୟୁଟେସନ୍ ସ୍ଥଗିତ

ଆରଡିସି ଏବଂ ଜିଲ୍ଲାପାଳଙ୍କୁ ରାଜସ୍ୱ ସଚିବଙ୍କ ଚିଠି

ଭୁବନେଶ୍ୱର : ଭୂଦାନ ଜମିର ବଣ୍ଟନ କ୍ଷେତ୍ରରେ ପ୍ରଚଳିତ ନିୟମାବଳୀର ସମ୍ପୂର୍ଣ୍ଣ ପାଳନ ଏବଂ ସମ୍ପୃକ୍ତ ଜମିର ଅଭିଲେଖର ଯଥାର୍ଥ ଯାଞ୍ଚ ବିନା ହିତାଧିକାରୀମାନଙ୍କ ସପକ୍ଷରେ ବଣ୍ଟନ କରାଯାଉଛି। ଏହା ଫଳରେ ପରବର୍ତ୍ତୀ ସମୟରେ ମ୍ୟୁଟେସନ୍ ଏବଂ ଜମିପଟ୍ଟାରେ ଅନ୍ତର୍ଭୁକ୍ତି ସମୟରେ ବିଭିନ୍ନ ଆଇନଗତ ଜଟିଳତା ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୂଦାନ ଜମିର ବଣ୍ଟନ ଏବଂ ହିତାଧିକାରୀଙ୍କ ସପକ୍ଷରେ ମ୍ୟୁଟେସନ୍ ପ୍ରକ୍ରିୟାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିଷ୍ପତ୍ତି ନେଇଛି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଆରଡିସି, ପଞ୍ଜୀକରଣ ମହାନିରୀକ୍ଷକ (ଆଇଜିଆର), ଜିଲ୍ଲାପାଳ ଏବଂ ଜମିଜମା ରେକର୍ଡ ଓ ସର୍ଭେ ନିର୍ଦ୍ଦେଶାଳୟଙ୍କୁ ଚିଠି ଲେଖି ଏହି ନିର୍ଦ୍ଦେଶ ଜାରି କରିଛନ୍ତି । ଏଥିସହିତ, ପୂର୍ବରୁ ବଣ୍ଟନ ହୋଇ ମ୍ୟୁଟେସନ୍ ସମ୍ପନ୍ନ ହୋଇଥିବା ଭୂଦାନ ଜମିର କୌଣସି ପ୍ରକାର ହସ୍ତାନ୍ତରକୁ ପଞ୍ଜୀକରଣ ଅଧିକାରୀମାନେ ତତ୍କାଳ ପ୍ରଭାବରୁ ପଞ୍ଜୀକୃତ କରିବେ ନାହିଁ ବୋଲି ରାଜ୍ୟ ସରକାର ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଭୂଦାନ ଯଜ୍ଞ ସମିତିକୁ ଦାନ କରାଯାଇଥିବା ଜମି, ସେଥିରୁ ବଣ୍ଟନ କରାଯାଇଥିବା ଜମି, ହାଲ୍ ଜମିପଟ୍ଟାରେ ରେକର୍ଡ ହୋଇଥିବା ଜମି ଏବଂ ହିତାଧିକାରୀଙ୍କ ସପକ୍ଷରେ ଜାରି ହୋଇଥିବା ଜମି ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପ୍ରମାଣିତ କରି ଏକ ମାସ ମଧ୍ୟରେ ସରକାରଙ୍କୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଓଡ଼ିଶା ଏସ୍‌ଆଇଆର ଚିଠା ତାଲିକା ପ୍ରକାଶିତ

୨୦ ଲକ୍ଷ ୧୪ ହଜାର ଭୋଟରଙ୍କ ନାଁ କଟିଲା

- ଆପତ୍ତି ଥିଲେ ଅଗଷ୍ଟ ୪ ଭିତରେ ଜଣାଇବେ

ଭୁବନେଶ୍ୱର: ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟା ଓଡ଼ିଶା ଶେଷ ହୋଇଛି । ଏଥିସହ ଚିଠା ଭୋଟର୍ ତାଲିକା ପ୍ରକାଶ ପାଇଛି । ଏହି ତାଲିକା ଅନୁସାରେ ପ୍ରାୟ ୨୦ ଲକ୍ଷ ୧୪ ହଜାର ଭୋଟରଙ୍କ ନାଁ କଟିଛି। ରାଜ୍ୟରେ ବର୍ତ୍ତମାନ ୩ କୋଟି ୧୩ ଲକ୍ଷ ଭୋଟର ରହିଛନ୍ତି । ଓଡ଼ିଶାରେ ୩୧ ଟି ନିର୍ବାଚନ ଜିଲ୍ଲା ହୋଇଛି। ନୂତନ ଭାବେ ଭୁବେନେଶ୍ୱର ନିର୍ବାଚନ ଜିଲ୍ଲା ହୋଇଛି। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ୍ ଗୋପାଳନ ସୂଚନା ଦେଇଛନ୍ତି। ଚିଠା ତାଲିକା ପ୍ରସ୍ତୁତ ହୋଇ ରାଜନୈତିକ ଦଳକୁ ଦିଆଯାଇଛି । ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଭୋଟର ଥିବା ବେଳେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଭୋଟର ସେମାନଙ୍କ ଫର୍ମ ଦାଖଲ କରିଛନ୍ତି ୨୦ ଲକ୍ଷ ୧୪ ହଜାର ଲୋକଙ୍କ ନାମ ବାଦ ପଡିଥିବା ବେଳେ ଏଠି ମଧ୍ୟରୁ ମୃତ ବ୍ୟକ୍ତିଙ୍କ ସଂଖ୍ୟା ୮ ଲକ୍ଷ ୩୨ ହଜାର ଭୋଟର ରହିଛନ୍ତି । ସ୍ଥାନାନ୍ତରିତ /ଅନୁପସ୍ଥିତ ପାଇଁ ୧୦ ଲକ୍ଷ ୭ ହଜାର । ଭୋଟର ତାଲିକାରେ ଏକାଧିକ ସ୍ଥାନରେ ପଞ୍ଜିକୃତ ରହିଛି। ସେହିଭଳି ୧ ଲକ୍ଷ ୫୮ ହଜାର ଓ ଅନ୍ୟ କାରଣ ପାଇଁ ୧୪ ହଜାର ଭୋଟର ରହିଛନ୍ତି ।ରାଜ୍ୟରେ ୧ କୋଟି ୬୦ ଲକ୍ଷ ୧୯ ହଜାର ୧୭୬ ପୁରୁଷ ଭୋଟର ଥିବା ବେଳେ ୧ କୋଟି ୫୩ ଲକ୍ଷ ୬୫ ହଜାର ୮୩ ଜଣ ମହିଳା ଭୋଟର ରହିଛନ୍ତି। ସେହିଭଳି ୨ ହଜାର ୭୭୫ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆହୁରି କହିଛନ୍ତି ଯେ, ପ୍ରାଥମିକତା ଭାବେ ଅଯୋଗ୍ୟ ବ୍ୟକ୍ତିଙ୍କୁ ଚିଠା ତାଲିକାରୁ ବାଦ ଦିଆଯାଇଛି। ଏହି ଭୋଟମାନେ ସେମାନଙ୍କ ନାଗରିକତ୍ୱର କୌଣସି ପ୍ରମାଣ ଦେଇପାରିନାହାନ୍ତି କିମ୍ବା ମ୍ୟାପିଂ ସମୟରେ ସେମାନଙ୍କ ନାମ ଆସିପାରିନାହିଁ । ଦେହାନ୍ତ ହୋଇଯାଇଥିବା ଭୋଟରଙ୍କ ନାମ ମଧ୍ୟତାଲିକାରୁ ବାଦ୍ ଦିଆଯାଇଛି । ଯଦି ଭୁଲରେ କାହାର ନାଁ କଟିଥିବ ସେ ଆବେଦନ କରିପାରିବେ ।ନାଁ ନଥିଲେ ଫର୍ମ-୬ର ଆନେକ୍ସର-୪ ଅନୁଯାୟୀ ଆବେଦନକରି ହେବ । ସେହିଭଳି ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତେ ଆବେଦନ କରିବାକୁ ଆହ୍ୱାନ କରିଛନ୍ତି ସିଇଓ। ଗତ ମେ' ୨୮ରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବିଧାନସଭା ଆସନରେ ଏସ୍‌ଆଇଆର ପ୍ରକ୍ରିୟା ଚାଲିଥିଲା । ଏଥିରେ ନିୟୋଜିତ ବିଏଲ୍‌ଓ (ବୁଥ୍ ଲେଭଲ୍ ଅଫିସର) ଭୋଟରଙ୍କଠାରୁ ଫର୍ମ ପୂରଣ କରି ଆଣିଥିଲେ । ପରେ ସେସବୁର ଡିଜିଟାଇଜେସନ୍ କରାଯାଇଥିଲା । ଏଥିରେ ଯେଉଁମାନେ ଆବଶ୍ୟକ ଡକ୍ୟୁମେଣ୍ଟ ଦେଇପାରିଛନ୍ତି ସେମାନଙ୍କ ନାମ ଭୋଟର ତାଲିକାରେ ରହିଛି । ଯେଉଁମାନେ ଦେଇପାରି ନାହାନ୍ତି ସେମାନଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି । ଯେଉଁ ଭୋଟରମାନେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ନାମକୁ ମଧ୍ୟ ତାଲିକାରୁ ବାଦ୍ ଦିଆଯାଇଛି । ଆଜିଠୁ ଅଗଷ୍ଟ ୪ତାରିଖ ପର୍ଯ୍ୟନ୍ତ ଏଥି ସମ୍ବନ୍ଧୀୟ ଦାବି ଓ ଆପତ୍ତି ଗ୍ରହଣ କରାଯିବ । ଅର୍ଥାତ ଯେଉଁମାନଙ୍କର ଭୋଟର ତାଲିକାରୁ ନାମ କଟିଯାଇଛି ସେମାନଙ୍କ ନିକଟରେ ଯଦି ଆବଶ୍ୟକ ଦସ୍ତାବିଜ୍ ରହିଥାଏ ସେସବୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ ।

ମହିଳାଙ୍କର ବିକାଶ ହେଲେ ଦେଶର ବିକାଶ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପାଇଁ ପଶ୍ଚିମ ବଙ୍ଗ ହୋଇପାରିଥିଲା । ତାଙ୍କ ଅଖଣ୍ଡ ଉଦ୍ୟମ ପାଇଁ ଏହା ହୋଇପାରିଥିଲା । ଦେଶର ଜଣେ ନିର୍ବିବାଦୀୟ ନେତା ଭାବେ ଭାରତ ବର୍ଷରେ ଚିହ୍ନିତ ଥିଲେ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ତାଙ୍କର ଜଣେ ବଡ଼ ସମର୍ଥକ ଥିଲେ ବୋଲି ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ଅବସରରେ ଛାତ୍ରୀ ସମ୍ମିଳନୀରେ ମତ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏପଟେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରକୁ ଟାର୍ଗେଟ କରି କହିଥିଲେ, ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ପୂର୍ବ ସରକାରଙ୍କୁ ଜନ ନାୟକଙ୍କ ସ୍ମୃତି ଦିବସ ଭାବେ ପାଳନ କରୁନଥିଲେ ବୋଲି ଅଭିଯୋଗ ଆଣିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।ବିକଶିତ ଓଡିଶା ଏବଂ ବିକଶିତ ଭାରତ ଗଠନ ପାଇଁ ମହିଳାଙ୍କୁ ଅଗ୍ରାଧିକାର ଦେବା ନିହାତି ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ଆହୁରି କହିଛନ୍ତି, ବିଜେପି ସରକାରର ସଂକଳ୍ପ ପତ୍ରକୁ ବିଶ୍ୱାସ କରି ମହିଳାଙ୍କୁ ସଶକ୍ତ ବଦଳରେ ଧକ୍କା ଦେଉଥିବା ପୂର୍ବ ସରକାରକୁ ବଦଳାଇ ନୂଆ ସରକାର ଆଣିଥିଲେ ରାଜ୍ୟବାସୀ । ଆମ ସରକାର ଆସିବା ପରେ ମହିଳାଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥିଲେ । ଶପଥ ଗ୍ରହଣ ପରଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରାଯାଇଛି । ସୁଭଦ୍ରା ଯୋଜନାଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଭଳି ଯୋଜନା କରାଯାଇଛି । ଏହାଦ୍ୱାରା ରାଜ୍ୟର କୋଟି କୋଟି ମହିଳା ଉପକୃତ ହୋଇପାରୁଛନ୍ତି । ଲକ୍ଷପତି ଦିଦି ସୃଷ୍ଟି କରିବାରେ ରାଜ୍ୟ ସରକାର ରେକର୍ଡ ସୃଷ୍ଟି କରିପାରିଛନ୍ତି ।ଏହି ଅବସରରେ ଯୌତକ ପ୍ରଥାକୁ ଅତ୍ୟନ୍ତ କଡା ଭାଷାରେ ନିନ୍ଦା କରିଛନ୍ତି ମୁଖ୍ୟମନ୍ତ୍ରୀ । ଯୌତୁକ ପ୍ରଥା ଏକ ଖରାପ ବ୍ୟବସ୍ଥା । ଗରିବ ପିତା ମାତା ମାନେ ଯୌତୁକ ସହିତ ନିଜ ଝିଅକୁ ବିବାହ କରାଇବା ବଡ଼ କଠିନ କାମ । ଗରିବ ପିତା ମାତା ମାନେ ଟଙ୍କା କୋଉଠୁ ଆଣିବେ ବୋଲି ପ୍ରଶ୍ନ କରିଛନ୍ତି ମୁଖ୍ୟମନ୍ତ୍ରୀ । ଯୌତୁକ ଜନିତ ନିର୍ଯାତନାର ଶିକାର ହେଉଥିଲେ ମହିଳା, ବୋହୁଙ୍କୁ ଜିଅନ୍ତା ମାରିଦିଆଯାଉଥିଲା । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଝିଅର ପିତାମାତାଙ୍କୁ କଷ୍ଟ ଲାଘବ କରିବାରେ ସହାୟକ ହୋଇପାରିଛି । ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ଅବସରରେ ଛାତ୍ରୀ ସମ୍ମିଳନୀ ସୋଆ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି ।

ଆଉ ୧୦ ଦିନ ପରେ ଶ୍ରୀଗୁଣ୍ଡିଚା ଯାତ୍ରା

ମଣ୍ଡଣି ବତା ଓ ହାତୀ ଆଲମାଳ ବାଡ଼ିଆ ଜାରି

- ୧୨ଟି ଚନ୍ଦ୍ର ଶାଳୀ ପାଇଁ କନା କଟିଙ୍ଗ ଶେଷ
- ରଥ ନିର୍ମାଣର ୭୬ ତମ ଦିବସ

ପୁରୀ : ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ଼ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ। ଏଥିପାଇଁ ବଡଦାଣ୍ଡ ସ୍ଥିତ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ରବିବାର ରଥ ନିର୍ମାଣର ୭୬ ତମ ଦିବସରେ ନିର୍ମାଣକାରୀ ସେବକ ମାନେ ରଥଖଳାଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ରବିବାର ମଣ୍ଡଣି ବତା ଓ ହାତୀ ଆଳ ମାଳ ବାଡ଼ିଆ ଜାରି ରହିଛି । ଦରଜି ସେବକ ମାନଙ୍କ ଦ୍ୱାରା ୧୨ଟି ଚନ୍ଦ୍ରଶାଳୀ ପାଇଁ କନା କଟିଙ୍ଗ ଶେଷ ହୋଇଛି । ଶନିବାର ସୁଦ୍ଧା ତିନିରଥରେ ଦୁଆର ବେଢା ଚନ୍ଦ୍ର ଶାଳୀ ରେ ଧ୍ୱଜ ବତା ସଂଯୋଗ ସହ ତିନିରଥ ନୂଆ ବ୍ରେକ ପୁଲି ରେ ଲୁହା କଡା ଲାଗିବା ସହ ତିନିରଥ ବେଦୀ ଚାରି ପାର୍ଶ୍ୱ କୋଣ ଗୁଡ଼ିକରେ ପଟା ବାଡ଼ିଆ ଆରମ୍ଭ ହୋଇଥିଲା । ଶନିବାର ପ୍ରବଳ ବର୍ଷା ସତ୍ତ୍ୱେ ମହାରଣା ସେବକ ଏବଂ ଭୋଇ ସେବକ ମାନଙ୍କ ସହଯୋଗରେ ରଥରେ କନା ପଡ଼ିବା ପୂର୍ବରୁ ତିନିରଥର ଚାରି ପାର୍ଶ୍ୱରେ ମଣ୍ଡଣି ବତା ଏବଂ ହାତୀ ଆଳ ମାଳ(କାଠ ବଟନ୍) ବାଡ଼ିଆ ଯାଇଥାଏ। ସେଥିପାଇଁ ରବିବାର ତାର ପୂର୍ବ ପ୍ରସ୍ତୁତି ପୂର୍ବକ ଆରମ୍ଭ ହୋଇଛି ତିନିରଥର ଚାରି ପାର୍ଶ୍ୱରେ ଦୁଇଟି ଲେଖାଏଁ କଣି ଫାଉଡ଼ି ର ସଂଯୋଗ କାର୍ଯ୍ୟ । ରବିବାର ବାକି କଣି ଫାଉଡ଼ି ରଥ ଚାରି ପାର୍ଶ୍ୱରେ ସଂଯୋଗ ସହ ମଣ୍ଡଣି ବତା ପଡ଼ିବା କାର୍ଯ୍ୟ ସମ୍ପନ୍ନ ହୋଇଛି । ଆଜି ତିନିରଥର ମହାରଣା ଏବଂ ଭୋଇ ସେବକ ମାନଙ୍କ ସହଯୋଗରେ ଶେଷ ହୋଇଛି ତିନିରଥ ଉପର ସିଂହାସନ ବେଦୀ ଆଗ, ପଛ ଏବଂ ପାର୍ଶ୍ୱ ଚାରି କୋଣ ଗୁଡ଼ିକ ରେ ପଟା ବାଡ଼ିଆ କାର୍ଯ୍ୟ। ଚିତ୍ରକାର ସେବକ ମାନେ ଆଜି ତିନିରଥର ପ୍ରଭା ଗୁଡ଼ିକର ରୂପ ଖୋଦେଇ ଅଂଶରେ ରଙ୍ଗ ଚିତ୍ର କାର୍ଯ୍ୟ ଆରମ୍ଭ କରିବା ସହ ତିନିରଥର ସାରଥୀ ଘୋଡ଼ା ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦରଜୀ ସେବକ ମାନେ ତିନିରଥର ବତା କାନାରେ ବିଳାସ ପଟି ବା ସିଲଭର ଲେସ୍ ଜରୀ ସିଲେଇ କାର୍ଯ୍ୟ ଶେଷ କରି ତିନିରଥ ଦୁଆର ବେଢାର ୧୨ ଗୋଟି ଚନ୍ଦ୍ରଶାଳୀ ପାଇଁ କନା କଟିଙ୍ଗ ଶେଷ କରିବା ସହ ସେଥିରେ ସିଲଭର ଜରୀ ଫୁଲ ପକା କାର୍ଯ୍ୟ ଜାରୀ ରଖିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକ ମାନେ ତିନିରଥର ପ୍ରଭା ବିଡିଆ କଣ୍ଟା ନିର୍ମାଣ ସହ ରଥରେ କନା ପକା କାର୍ଯ୍ୟ ପାଇଁ କୋଠା ସୁଆଁସିଆ ମାନଙ୍କ ନିମନ୍ତେ ସାଜ୍ ସରଂଜାମ ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ରଥଯାତ୍ରା ରେ ସେବା ପୂଜ ନିମନ୍ତେ ସମସ୍ତ କାଠ ସରଞ୍ଜାମ ନିର୍ମାଣ ଶେଷ କରି ଆବଶ୍ୟକୀୟ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ତିନିରଥ ର ମହାରଣା ସେବକ ୭୬ଜଣ , ଭୋଇ ସେବକ ୭୬ଜଣ , କରତୀ ସେବକ ୪ଜଣ , ରୂପକାର ସେବକ ୨୧ଜଣ , ଓଝା କମାର ସେବକ ୨୦ଜଣ, ତୁମ୍ବ ବିନ୍ଧ କାରୀଗର ୨ଜଣ, ପାହି ମହାରଣା ୨ଜଣ, ଚିତ୍ରକାର ୪୦ଜଣ,ରଥ ଖଳା ସହାୟକ ୧ଜଣ ଓ ମୋଟ ୨୪୨ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି ।

ସମ୍ପାଦକୀୟ

ଭୂକମ୍ପ ଭୟାନକ

ପ୍ରକୃତି ଯେତିକି ଶାନ୍ତ, ସେତିକି ଅଶାନ୍ତ କିମ୍ବା ତା'ଠାରୁ ଆହୁରି ଅଧିକ ଅଶାନ୍ତ ବି ହୋଇପାରେ। ଏତେ ଅଶାନ୍ତ ହୋଇପାରେ...? କେତେ ଅଶାନ୍ତ ହୋଇପାରେ...? କେହି ବି ତା'ର ପରିକଳ୍ପନା କରିବା ଅସମ୍ଭବ। ପ୍ରକୃତିର ପ୍ରଶାନ୍ତ ରୂପ ତ ଆମେ ଦେଖିଛୁ। ପ୍ରକୃତିର ଅଶାନ୍ତ ରୂପ ବି । ତେବେ ଫରକ୍ ହେଉଛି ପ୍ରକୃତିର ପ୍ରଶାନ୍ତ ରୂପ ଯେତେବେଳେ ମନରେ ଆନନ୍ଦ ଉଲ୍ଲାସ ଭରିଦିଏ, ଜୀବନକୁ ସରସ ସୁନ୍ଦର କରିଦିଏ; ମନୁଷ୍ୟକୁ , ସମାଜକୁ ଅନେକ କିଛି ଶିକ୍ଷାଦିଏ , ପ୍ରକୃତିର ଅଶାନ୍ତ-କରାଳରୂପ ସେତେବେଳେ ସେମିତି କିଛି ମଉକା ଦିଏନି ଜୀବନକୁ; ମାତ୍ର କେଇ ମୁହୂର୍ତ୍ତ ମଧ୍ୟରେ ବରବାଦ କରିଦିଏ, ମାତ୍ର କିଛି ସମୟ ମଧ୍ୟରେ ଛାରଖାର କରିଦିଏ ଜୀବନକୁ , ସମାଜକୁ; ସରକାର ବା କ'ଣ କରିବେ । ସରକାର ବି ଛାରଖାର। ଏଇ ଯେମିତି ଭେନେଜୁଏଲା। ଭୂକମ୍ପରେ ଏବେ ଥରୁଛି ସେହି ଦେଶ। ବିଶ୍ୱର ସେତେ ସମୃଦ୍ଧିଶାଳୀ ଦେଶ ନ ହେଲେ ବି ଅଶୋଧିତ ତୈଳ କାରବାର କାରଣରୁ କେବେ ଦିନେ ସମଗ୍ର ଲାଟିନ୍ ଆମେରିକାରେ ବିକଶିତ ଦେଶର ମାନ୍ୟତା ଲାଭ କରିଥିବା ବିକଶିତ ଦେଶ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଭେନେଜୁଏଲା ଆଜି ପୃଥିବୀରେ ତା'ର ଅସ୍ତିତ୍ୱ ବଜାୟ ପାଇଁ ଚେଷ୍ଟା କରୁଛି। ୨୦୧୩ରୁ ଦେଶର ଜାତୀୟ ସ୍ତରରେ ଜିଡିପି ହାର ନିମ୍ନଗାମୀ ହେବା କାରଣରୁ ଆରମ୍ଭ ହୋଇଯାଇଥିଲା ଭେନେଜୁଏଲାର ପତନ। ଏବେ ଦେଶର ଅଧିକାଂଶ ଲୋକ ଏବେ ଗରିବୀ ସ୍ତରରେ ବାସ କରୁଛନ୍ତି । ଯାହା ପଛରେ ଆଉ ଗୋଟାଏ ବଡ଼ କାରଣ ହେଉଛି ଭୂମିକମ୍ପ ଯାହା କାରଣରୁ ସମୟ ସମୟରେ ଭୂକମ୍ପ ଝଟକା ଭେନେଜୁଏଲାକୁ ଏକାବେଳକେ ଟାଣିନେଉଛି ପଛକୁ .. ବିକାଶର ବହୁ ପଛକୁ। ଏଣୁ ଭେନେଜୁଏଲା ଭଳି ଗୋଟାଏ ସ୍ୱଳ୍ପ ଜନସଂଖ୍ୟାବିଶିଷ୍ଟ ଦେଶ ବି ଭାରତ ଭଳି ସଂଘର୍ଷ କରୁଛି ବିଶ୍ୱର ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପାଇଁ। ତଥାପି ହୋଇପାରୁନି। ଯାହାପଛରେ ସେହି ଦେଶର ପଲିଟିକାଲ୍ କ୍ରାଇସିସ୍ ମୁଖ୍ୟ କାରଣ । ଯାହା ପଛରେ ଭେନେଜୁଏଲାର ଆଭ୍ୟନ୍ତରୀଣ ସମସ୍ୟା ବି ରହିଛି। ଅନ୍ୟପଟେ ଆମେରିକାର ଅଶୁଭ ଦୃଷ୍ଟି ବି ପଡୁଛି ଭେନେଜୁଏଲାର ନାଚୁରାଲ ପ୍ରପର୍ଟି ଉପରେ.. ନାଚୁରାଲ୍ କ୍ରୁଡ୍ ଅଏଲ୍ ଉପରେ ଯାହାକୁ କବ୍‌ଜା କରି ଆମେରିକା ନିଜକୁ ଧନୀରୁ ଆହୁରି ଅଧିକ ଧନୀ ହେବାର ଲକ୍ଷ୍ୟ ରଖୁଥିବା ବେଳେ ଯାହା କାରଣରୁ ଭେନେଜୁଏଲା କିନ୍ତୁ ଦିନକୁ ଦିନ ଖସୁଛି ତଳକୁ ତଳକୁ। ତେବେ ଗତ ଗୁରୁବାର ଭେନେଜୁଏଲାରେ ଅନୁଭୂତ ହୋଇଯାଇଥିବା ଦୁଇ ଦୁଇଟି ଶକ୍ତିଶାଳୀ ଭୂକମ୍ପରେ ଥରି ଉଠିଛି ଭେନେଜୁଏଲା, ଦୋହଲଯାଇଛି ଭେନେଜୁଏଲାର ଆର୍ଥିକ ମେରୁଦଣ୍ଡ । ଏଭଳି ଭୟଙ୍କର ମେରୁଦଣ୍ଡ ହୁଏତ ଭେନେଜୁଏଲାର ଇତିହାସରେ ଏକ ବିରଳ ଘଟଣା। ତଥ୍ୟ ଯାହା କହୁଛି ବିଗତ ୧୦୦ ବର୍ଷର ଇତିହାସରେ ଏଭଳି ଭୂମିକମ୍ପ ଭେନେଜୁଏଲାକୁ ଏତେ ପଛକୁ ପେଲି ଦେଇଛି,ଏତେ ପଛକୁ ଠେଲି ଦେଇଛି, ହୁଏତ ପୁଣି କିଛି ବର୍ଷ ଲାଗିଯିବ ଭେନେଜୁଏଲାକୁ ନିଜକୁ ସଜାଡ଼ିବା ପାଇଁ। ତାହା ତ ସମୟ କହିବ। ତେବେ ବର୍ତ୍ତମାନର ଭେନେଜୁଏଲାର ପରିସ୍ଥିତି କିନ୍ତୁ ଅତି ଜଟିଳ। ଗୁରୁବାର ଦେଶର ସେହି ପ୍ରଳୟଙ୍କାରୀ ଭୂକମ୍ପରେ ଦେଶର ରାଜଧାନୀ କାରାକାସ୍ ଠାରୁ ପ୍ରାୟ ୧୬୫ କିଲୋମିଟର ଦୂରରେ ଅବସ୍ଥିତ ମୋରେନ୍ ସହରରେ ଅନୁଭୂତ ପ୍ରଳୟଙ୍କାରୀ ଭୂକମ୍ପରେ ଏଯାବତ ପ୍ରାୟ ୯୦୦ରୁ ଅଧିକ ଲୋକ ପ୍ରାଣ ହରାଇସାରିଲେଣି। ଏଯବତ ପ୍ରାୟ ୪୦୦୦ରୁ ଅଧିକ ଲୋକ ଆହତ ହୋଇଗଲେଣି। ତଥ୍ୟ କହୁଛି ମୃତ୍ୟୁ ସଂଖ୍ୟା ଦିନକୁ ଦିନକୁ କେବଳ ବଢ଼ି ବଢ଼ି ଚାଲିଛି। ସମଗ୍ର ଲାଟିନ୍ ଆମେରିକା ଏବେ ଏକଜୁଟ। ଆମେରିକା ବି ଆଗେଇ ଆସିଛି । ତେବେ ଆମେରିକାର ବର୍ତ୍ତମାନ କାମଚଳା ରାଷ୍ଟ୍ରପତି କିନ୍ତୁ ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ ବୋଲି କୁହାଯାଇପାରେ। କାରଣ ଆମେରିକା ଭଳି ଖଳନାୟକ ଯେ କି ପୂର୍ବତନ ରାଷ୍ଟ୍ରପତିଙ୍କୁ କିଛି ମାସ ପୂର୍ବରୁ ଉଠାଇନେଇଛି। ଏବେ ଦେଖାଉଛି ଦରଦ। ତେବେ ଆମେରିକା ଭେନେଜୁଏଲାର ଏଭଳି ଜଟିଳ ପରିସ୍ଥିତିରେ ବହୁତ ଆଗକୁ ଆସି ମୁକ୍ତ ହସ୍ତରେ ଏବଂ ମୁକ୍ତ ମନରେ କିଛି ସାହାଯ୍ୟ କରିବା ଉଚିତ୍।

ମାର୍ଗଦର୍ଶକ

ରାଜାଙ୍କ ଠାରୁ ନେଇ ସାଧାରଣ ପ୍ରଜାଙ୍କ ପର୍ଯ୍ୟନ୍ତ, କେହି ବି ନିୟମରୁ ବାଦ୍ ପଡ଼ିବେ ନାହିଁ। ସମସ୍ତଙ୍କ କ୍ଷେତ୍ରରେ କଟକଣା ରହିଛି, ସମସ୍ତଙ୍କ କ୍ଷେତ୍ରରେ ନିୟମ କାନୁନ୍ ରହିଛି। ଶାସକ-ପ୍ରଶାସକମାନେ ପୂରା ନିୟମରେ ରହିବା ଉଚିତ ଯେହେତୁ ସେମାନେ ସମାଜର ମାର୍ଗଦର୍ଶକ, ସମାଜର ପଥ ପ୍ରଦର୍ଶକ। ନିୟମରେ ସମସ୍ତେ ବନ୍ଧା। ସେହି ନିୟମରେ ନିଜର କର୍ମମୟ ଜୀବନରୁ କିଛିଟା ସମୟ ବାହାର କରି ଥରେ ବୁଲିବା ପାଇଁ ମନସ୍ଥ କରି ତାଙ୍କର କିଛି ଜଗୁଆଳଙ୍କ ସହ ବୁଲି ବହାରିଲେ ସୁଲ୍‌ତାନ୍ ସାଲାନା। ବାଟରେ ମଧ୍ୟାହ୍ନ ଭୋଜନ ସମୟରେ ଗୋଟିଏ ସୁନ୍ଦର ଉଦ୍ୟାନରେ କିଛି ସମୟ ପାଇଁ ବାଟରେ ଅଟକିଯାଇଥିଲେ ଏବଂ ସେହି ସମୟରେ ବିଶ୍ରାମ ନେବାବେଳେ ସୁଲ୍‌ତାନଙ୍କ ଆଖିରେ ନିଦ ଲାଗିଯାଇଥିଲା। ଉଠିଲା ବେଳକୁ ଦେଖିଲେ ଯେ ତାଙ୍କର ପ୍ରିୟ ଘୋଡ଼ାଟି ନାହିଁ। ରାଗରେ ଚୋରକୁ ଧରିବା ପାଇଁ କଡ଼ା ଆଦେଶ ଦେଇ ବୁଲା ବନ୍ଦକରି ସେ ବାହାରିଲେ ନିଜ ଉଆସ ଅଭିମୁଖେ। ବାଟରେ ଜଗୁଆଳ କିନ୍ତୁ ସୁଲତାନଙ୍କୁ ସତ କହିଲା ଯେ ଚୋର ତା' କାମରେ ସଫଳ ହୋଇଛି ହେଲେ ମୁ ମୋ କାମରେ ବିଫଳ ହୋଇଛି। ଉଦ୍ୟାନରେ ଖାଇପିଇ ସମସ୍ତେ ବିଶ୍ରାମ ନେଉଥିଲାବେଳେ ମୁ ବି ଟିକେ ବିଶ୍ରାମ ନେଇଗଲି। ତା'ର ସୁଯୋଗ ନେଇ ଚୋର ନେଇଗଲା ଘୋଡ଼ାଟି। ଜଗୁଆଳ ମୁହଁରୁ ଏପରି କଥା ଶୁଣି ସୁଲ୍‌ତାନଙ୍କ ରାଗ ଆହୁରି ବଢ଼ିଗଲା। ଜଗୁଆଳକୁ ସେ କିଛି ଶାସ୍ତି ଦେବାକୁ ଚିନ୍ତା କଲେ। ସତ କହିଥିବାରୁ ଜଗୁଆଳକୁ ଶାସ୍ତି ତ ମିଳିଲା ହେଲେ ସେତେ କଠିନ ନୁହେଁ, ଯାହା ହେଉ ନିୟମ ତ ସଭିଙ୍କ ପାଇଁ ସମାନ।" ରାଜାଙ୍କ ଠାରୁ ନେଇ ସାଧାରଣ ପ୍ରଜାଙ୍କ ପର୍ଯ୍ୟନ୍ତ, କେହି ବି ନିୟମରୁ ବାଦ୍ ପଡ଼ିବେ ନାହିଁ। ଶାସକ-ପ୍ରଶାସକମାନେ ପୂରା ନିୟମରେ ରହିବା ଉଚିତ ଯେହେତୁ ସେମାନେ ସମାଜର ମାର୍ଗଦର୍ଶକ, ସମାଜର ପଥ ପ୍ରଦର୍ଶକ। ନିୟମରେ ସମସ୍ତେ ବନ୍ଧା। ସେହି ନିୟମରେ ନିଜର କର୍ମମୟ ଜୀବନରୁ କିଛିଟା ସମୟ ବାହାର କରି ଥରେ ବୁଲିବା ପାଇଁ ମନସ୍ଥ କରି ତାଙ୍କର କିଛି ଜଗୁଆଳଙ୍କ ସହ ବୁଲି ବହାରିଲେ ସୁଲ୍‌ତାନ୍ ସାଲାନା।ତେବେ କିଛି ସମୟ ପାଇଁ ସେଠାରେ ଅଟକି ଯାଇ ଫଳାଫଳ ଚିନ୍ତା କଲେ ଥଣ୍ଡା ମୁଣ୍ଡରେ। ବାଟରେ ଭୋଜନ ସମୟରେ ସୁନ୍ଦର ଉଦ୍ୟାନରେ କିଛି ସମୟ ପାଇଁ ଅଟକିଯାଇଥିଲେ।

ଶ୍ରୀକ୍ଷେତ୍ରର ଗଣପର୍ବ ଦେବସ୍ନାନ ପୂର୍ଣ୍ଣିମା ମାନବୀୟ ଲୀଳାର ଏକ ଅନନ୍ୟ ପ୍ରତୀକ

ସୌଭାଗ୍ୟ ରଂଜନ ମହାନ୍ତି

ଦେବସାନ ପୂର୍ଣ୍ଣିମା ହେଉଛି ଜଗନ୍ନାଥ ସଂସ୍କୃତିର ଏକ ଅତି ମହତ୍ୱପୂର୍ଣ୍ଣ ଏବଂ ଆଧାତ୍ମିକ ଭାବପୂର୍ଣ୍ଣ ଗଣପର୍ବ ଯାହା ପ୍ରତିବର୍ଷ ଜ୍ୟେଷ୍ଠ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଶ୍ରୀକ୍ଷେତ୍ରର ପୁରୀ ସମେତ ସମଗ୍ର ଓଡିଶା ତଥା ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ଜଗନ୍ନାଥ ମନ୍ଦିରଗୁଡିକରେ ପରମ ଶ୍ରଦ୍ଧାର ଓ ଉଲ୍ଲାସର ସହ ପାଳିତ ହୋଇଥାଏ ଏବଂ ଏହି ପବିତ୍ର ଦିବସକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆବିର୍ଭାବ ଦିବସ ବା ଜନ୍ମ ଜୟନ୍ତୀ ଭାବରେ ମଧ୍ୟ ଗ୍ରହଣ କରାଯାଇଥାଏ। ଓଡିଶାର ଆଧାତ୍ମିକ ଜୀବନଧାରଣାରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଭାବ ଅତୁଳନୀୟ ଏବଂ ଏହି ମହାପ୍ରଭୁଙ୍କର ଯେଉଁ ଦ୍ୱାଦଶ ଯାତ୍ରା ବା ବାରମାସରେ ତେର ପର୍ବ ପାଳନ କରାଯାଏ ସେଥିମଧ୍ୟରୁ ଦେବସ୍ନାନ ପୂର୍ଣ୍ଣିମା ହେଉଛି ବର୍ଷର ପ୍ରଥମ ପ୍ରମୁଖ ଲୀଳା ଯେଉଁଠାରେ ଭଗବାନ ମାନବୀୟ ସ୍ତରକୁ ଓହ୍ଲାଇ ଆସି ମାନବ ସଦୃଶ ନୀତିକାନ୍ତ ସମ୍ପାଦନ କରିଥାନ୍ତି। ଶାସ୍ତ୍ରୀୟ ମାନ୍ୟତା ଅନୁଯାୟୀ ସତ୍ୟଯୁଗରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପ୍ରତିଷ୍ଠା କରିଥିଲେ ସେହି ସମୟରେ ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରେ ପ୍ରଥମ କରି ମହାପ୍ରଭୁଙ୍କର ଏହି ମହାସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିଲା ଏବଂ ସେହି ଦିନଠାରୁ ଏହି ପରମ୍ପରା ଅବ୍ୟାହତ ରହିଆସିଛି। ଏହି ଦିନ ସକାଳୁ ଶ୍ରୀମନ୍ଦିରର ରତ୍ନବେଦୀରୁ ଚତୁର୍ଦ୍ଧା ବିଗ୍ରହ ଅର୍ଥାତ୍ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ସୁଦର୍ଶନଙ୍କୁ ଅତି ରମଣୀୟ ତଥା ଶୃଙ୍ଖଳିତ ଢଙ୍ଗରେ ଧାଡି ପହଣ୍ଡୀ କରି ବଡଦେଉଳର ଉତର-ପୂର୍ବ କୋଣରେ ଅବସ୍ଥିତ ଏକ ଉଚ୍ଚ ମଣ୍ଡପ ଯାହାକୁ 'ସ୍ନାନ ମଣ୍ଡପ' କୁହାଯାଏ ସେଠାକୁ ବିଜେ କରାଯାଇଥାଏ। ଏହି ପହଣ୍ଡି ବିଜେ ସମୟରେ ଭକ୍ତମାନଙ୍କର ହରିବୋଲ, ହୁଳହୁଳି ଧ୍ୱନି ଏବଂ ଶଙ୍ଖ, ଘଂଟ, କାହାଳୀର ଗମ୍ଭୀର ନାଦରେ ସମଗ୍ର ବଡଦାଣ୍ଡ ଏବଂ ଆକାଶମଣ୍ଡଳ ପ୍ରକମ୍ପିତ ହୋଇଉଠେ ଯାହା ଭକ୍ତ ହୃଦୟରେ ଏକ ଅପୂର୍ବ ଶିହରଣ ସୃଷ୍ଟି କରେ। ସ୍ନାନ ମଣ୍ଡପଟି ଏପରି ଏକ ଉଚ୍ଚ ସ୍ଥାନରେ ନିର୍ମିତ ହୋଇଛି ଯେପରି ମନ୍ଦିର ବାହାରେ ଥିବା ସମସ୍ତ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସବୁ ସାଧାରଣ ଜନତା ଓ ପତିତ ଭକ୍ତମାନେ ମହାପ୍ରଭୁଙ୍କର ସୁନ୍ଦର ଶ୍ରୀମୁଖ ଦର୍ଶନ କରି ନିଜର ଜୀବନକୁ ଧନ୍ୟ କରିପାରିବେ। ସ୍ନାନ ମଣ୍ଡପରେ ଦେବତାମାନଙ୍କୁ ଆସ୍ଥାନ ଗ୍ରହଣ କରାଇବା ପରେ ମଙ୍ଗଳ ଆଳତି, ମୈଲମ ତଡପଲାଗି ଏବଂ ଅବକାଶ ନୀତି ଭଳି ପ୍ରାରମ୍ଭିକ ପୂଜା ଅତି ନିଷ୍ଠାର ସହ ସମ୍ପନ୍ନ କରାଯାଇଥାଏ। ଏହାପରେ ଆରମ୍ଭ ହୁଏ ସ୍ନାନ ଯାତ୍ରାର ସବୁଠାରୁ ଆକର୍ଷଣୀୟ ଏବଂ ପବିତ୍ର ରୀତି ଯାହାକୁ ଜଳାଭିଷେକ' ବା 'ସ୍ନାନ ନୀତି' କୁହାଯାଏ। ଏହି ବିଶେଷ ସ୍ନାନ ପାଇଁ ଶ୍ରୀମନ୍ଦିର ପରିସର ମଧ୍ୟରେ ଥିବା ଏକ ପବିତ୍ର କୂପ ଯାହାକୁ 'ସୁନା କୂଆ' କୁହାଯାଏ ସେଥିରୁ ଗରାବଡୁ ସେବକମାନେ ୧୦୮ ଗରା ସୁବାସିତ ଜଳ ଭେଦ କରି ଆଣିଥାନ୍ତି ଯେଉଁ ଜଳକୁ ପୂର୍ବରୁ ହରିଦ୍ରା, ଚନ୍ଦନ, ଅଗୁରୁ, ଚୁଆ ଏବଂ କର୍ପୂର ଭଳି ଦିବ୍ୟ ସୁଗନ୍ଧିତ ଦ୍ରବ୍ୟ ମିଶ୍ରଣ କରି ପବିତ୍ର କରାଯାଇଥାଏ। ଏହି ୧୦୮ ଗରା ସୁବର୍ଣ୍ଣ ଜଳ ମଧ୍ୟରୁ ଶାସ୍ତ୍ରୀୟ ବିଧି ଅନୁସାରେ ପ୍ରଭୁ ଜଗନ୍ନାଥଙ୍କ ପାଇଁ ୩୫ଗରା, ପ୍ରଭୁ ବଳଭଦ୍ରଙ୍କ ପାଇଁ ୩୩ଗରା, ଦେବୀ ସୁଭଦ୍ରାଙ୍କ ପାଇଁ ୨୨ଗରା ଏବଂ ଶ୍ରୀ ସୁଦର୍ଶନଙ୍କ ପାଇଁ ୧୮ ଗରା ଜଳ ବ୍ୟବହାର କରାଯାଇ ଶ୍ରୁତି ସୁକ୍ତ ଓ ମନ୍ତ୍ର ପାଠ ପୂର୍ବକ ଦେବତାମାନଙ୍କ ଉପରେ ଢଳାଯାଇଥାଏ। ଏହି ଭବ୍ୟ ମହାସ୍ନାନ ଦୃଶ୍ୟକୁ ଦେଖିବା ପାଇଁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରରେ ସମବେତ ହୋଇଥାନ୍ତି ଏବଂ ମହାପ୍ରଭୁଙ୍କ ଶରୀରରୁ ବହିଯାଉଥିବା ସେହି ପବିତ୍ର ଜଳ ଓ ଚନ୍ଦନର ବିନ୍ଦୁକୁ ନିଜ ମସ୍ତକରେ ସ୍ପର୍ଶ କରିବା ପାଇଁ ଭକ୍ତଙ୍କ ମଧ୍ୟରେ ଅଭୁତପୂର୍ବ ବ୍ୟାକୁଳତା ପ୍ରକାଶ ପାଇଥାଏ। ସ୍ନାନ ନୀତି ସମାପ୍ତ ହେବା ପରେ ପରମ୍ପରା ଅନୁଯାୟୀ ପୁରୀର ଗଜପତି ମହାରାଜା ସ୍ନାନ ମଣ୍ଡପକୁ ଆଜି ସେଠାରେ ସ୍ୱର୍ଣ୍ଣ ସୁବର୍ଣ୍ଣ ଖଚିତ ସମାର୍ଜନୀ ବା ସୁନା ଝାଡିକାରେ 'ଛେରା ପହଁରା' ସେବା ସମ୍ପାଦନ କରନ୍ତି ଯାହା ଦର୍ଶାଇଥାଏ ଯେ ସେହି ଜଗତର ନାଥଙ୍କ ଆଗରେ ଜଣେ ସମ୍ରାଟ ମଧ୍ୟ ସାଧାରଣ ସେବକ ମାତ୍ର। ଛେରା ପହଁରା ପରେ ଦେବସ୍ନାନ ପୂର୍ଣ୍ଣିମାର ଅନ୍ୟ ଏକ ପରମ ମନୋହର ତଥା ରହସ୍ୟମୟ ଦିବ୍ୟ ବେଶ ଅନୁଷ୍ଠିତ ହୋଇଥାଏ ଯାହାକୁ 'ଗଜାନନ ବେଶ' ବା 'ହାତୀ ବେଶ' କୁହାଯାଏ। ଏହି ବେଶ ସମ୍ପର୍କରେ ଏକ ସୁନ୍ଦର ଐତିହାସିକ ଆଖ୍ୟାୟିକା ରହିଛି ଯେ ପୂର୍ବକାଳରେ ଦକ୍ଷିଣ ଭାରତକୁ କର୍ଣ୍ଣାଟକର ଜଣେ ପ୍ରକାଣ୍ଡ ତଥା ଗାଣପତ୍ୟ ସମ୍ପ୍ରଦାୟର ପରମ ଗଣେଷ ଭକ୍ତ ଗଜପତି ଭଟ୍ଟ ଶ୍ରୀକ୍ଷେତ୍ରକୁ ଆସିଥିଲେ କିନ୍ତୁ ସେ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ନିଜର ଆରାଧ୍ୟ ଦେବ ଗଣେଶଙ୍କ ସ୍ୱରୂପ ଦେଖିବାକୁ ନପାଇ ଦୁଃଖିତ ମନରେ ଫେରିଯାଉଥିଲେ। ଭକ୍ତର ଏହି ମନସ୍ତପ ଦୂର କରିବା ପାଇଁ ଅନ୍ତର୍ଯ୍ୟାମୀ ମହାପ୍ରଭୁ ସେହି ସ୍ନାନ ପୂର୍ଣ୍ଣିମା ଦିନ ସ୍ନାନ ମଣ୍ଡପ ଉପରେ ଗଣପତି ଭଟ୍ଟଙ୍କୁ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ରୂପରେ ହାତୀ ମୁଣ୍ଡ ଭଳି ସୁନ୍ଦର ଗଜାନନ ରୂପରେ ଦର୍ଶନ ଦେଇଥିଲେ ଏବଂ ସେହ ଦିନଠାରୁ ଭକ୍ତର ମନସ୍କାମନା ପୂରଣାର୍ଥେ ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାର ସାନ୍ଧ୍ୟକାଳରେ ଶ୍ରୀଜୀଉମାନଙ୍କୁ ଏହି ବିଶେଷ ହାତୀ ବେଶରେ ସଜ୍ଜିତ କରାଯାଏ। ରାଘବଦାସ ମଠ ଓ ଗୋପାଳତୀର୍ଥ ମଠ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୋଲ, କନା, ବାଉଁଶ ଓ ଜରିରେ ନିର୍ମିତ ସୁନ୍ଦର ହାତୀ ଶୁଣ୍ଢ ଏବଂ କାନକୁ ବ୍ୟବହାର କରି ଦେବତାମାନଙ୍କୁ ଏହି ବେଶ କରାଯାଏ ଯାହାକୁ ଦର୍ଶନ କଲେ ମନରୁ ସମସ୍ତ ପାପ ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି। ମହାପ୍ରଭୁଙ୍କର ଏହି ଗଜାନନ ବେଶ ଦର୍ଶନ କରିବା ପାଇଁ ସାଧାରଣ ଜନତାଙ୍କ ନିମନ୍ତେ 'ସାହାଣମେଲା' ବା ମୁକ୍ତ ଦର୍ଶନର ବ୍ୟବସ୍ଥା କରାଯାଏ ଯାହା ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଯାଏ। କିନ୍ତୁ ଏହି ଆନନ୍ଦ ଉଲ୍ଲାସର ପର୍ବ ପଛରେ ଏକ ବିରହର କରୁଣ କାହାଣୀ ଏବଂ ମାନବୀୟ ସେବାର ଏକ ଅଦ୍ଭୁତ ପରମ୍ପରା ମଧ୍ୟ ଲୁଚି ରହିଥାଏ ଯେହେତୁ ମହାପ୍ରଭୁମାନେ ଅତ୍ୟଧିକ କଳାଭିଷେକ ଯୋଗୁଁ ଜ୍ୱରରେ ପୀଡିତ ହୋଇପଡନ୍ତି। ସେଥିପାଇଁ ହାତୀ ବେଶ ଲାଗି ହେବା ପରେ ବିଳମ୍ବିତ ରାତିରେ ଦେବତାମାନଙ୍କୁ ଅତି ଗୋପନୀୟ ଭାବରେ ସ୍ନାନ ମଣ୍ଡପରୁ ଶ୍ରୀମନ୍ଦିରର ଏକ ଅନ୍ଧକାରମୟ ନିଭୃତ ପ୍ରକୋଷ୍ଠକୁ ନିଆଯାଇ ଯାହାକୁ 'ଅନବସର ପିଣ୍ଡି' ବା 'ଅନାସର ଘର' କୁହାଯାଏ। ଏହି ଦିନଠାରୁ ଆରମ୍ଭ ହୁଏ ମହାପ୍ରଭୁଙ୍କର ୧୫ଦିନିଆ ଗୋପନୀୟ 'ଅନବସର' ବା 'ଅନାସର' କାଳ ଯେଉଁ ସମୟରେ ସାଧାରଣ ଭକ୍ତମାନଙ୍କ ପାଇଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିଥାଏ। ଏହି ପନ୍ଦର ଦିନ ଧରି ଦେବତାମାନେ ଜଣେ ଜ୍ୱରପୀଡିତ ସାଧାରଣ ମଣିଷ ପରି ରହନ୍ତି ଏବଂ ସେମାନଙ୍କର ସେବା ଶୁଶ୍ରୁଷା କେବଳ ମହାପ୍ରଭୁଙ୍କର ବିଶେଷ ସେବକ ତଥା ଆଦିବାସୀ ଶବର ସଂସ୍କୃତିର ପ୍ରତୀକ 'ଦଇତାପତି' ଏବଂ 'ପତିମହାପାତ୍ର' ସେବକମାନଙ୍କ ଦ୍ୱାରା ଅତି ଗୋପନୀୟ ଓ ନିଷ୍ଠାର ସହ ସମ୍ପାଦିତ ହୋଥାଏ। ଅନାସର ସମୟରେ ମନ୍ଦିରର ରାଜବୈଦ୍ୟଙ୍କ ପରାମର୍ଶ କ୍ରମେ ପ୍ରଭୁମାନଙ୍କୁ ବିଭିନ୍ନ ପ୍ରକାର ପ୍ରାକୃତିକ ଜଡିବୁଟି, ଔଷଧ, ବଣମୂଳ ମୋଦକ ଏବଂ ବିଶେଷ ଭାବରେ ପ୍ରସ୍ତୁତ 'ଫୁଲୁରୀ ତେଲ'(ଯାହା ଏକ ବର୍ଷ ଧରି ମାଟି ତଳେ ପୋତାଯାଇ ପ୍ରସ୍ତୁତ କରାଯାଇଥାଏ ଲାଗି କରାଯାଇ ସୁସ୍ଥ କରାଯାଏ। ଏହି ସମୟରେ ମହାପ୍ରଭୁଙ୍କ କୌଣସି ଅନ୍ନ ଭୋଗ କିମ୍ବା ଶଙ୍ଖ ଧ୍ୱନି ସହ ପୂଜା କରାଯାଏନାହିଁ, ବରଂ କେବଳ ଚକଟା ଭୋଗ, ପଣା ଓ ଫଳମୂଳକୁ ଅର୍ପଣ କରାଯାଇଥାଏ। ଶ୍ରୀଜୀଉମାନଙ୍କର ଏହି ଗୋପନୀୟ ରୀତିନୀତି ଏବଂ ମାନବୀୟ ଜୀବନଶୈଳୀ ଜଗନ୍ନାଥ ସଂସ୍କୃତିର ଅନନ୍ୟ ଉଦାରତା ଏବଂ ଭଗବାନଙ୍କ ମାନବୀୟ ରୂପକୁ ଅତି ସୁନ୍ଦର ଭାବରେ ପ୍ରତିପାଦିତ କରେ ଯେଉଁଠାରେ ସ୍ୱୟଂ ବ୍ରହ୍ମାଣ୍ଡର ନାଥ ବି ସୃଷ୍ଟିର ନିୟମକୁ ସମ୍ମାନ ଜଣାଇ ରୋଗଗ୍ରସ୍ତ ହୁଅନ୍ତି ଏବଂ ଚିକିତ୍ସିତ ହୁଅନ୍ତି। ଯେହେତୁ ପୁରୀ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ମିଳେ ନାହିଁ, ସେଥିପାଇଁ ଏହି ଅନାସର ସମୟରେ ସମସ୍ତ ଭକ୍ତମାନେ ଶ୍ରୀକ୍ଷେତ୍ର ନିକଟସ୍ଥ ବ୍ରହ୍ମଗିରିରେ ଅବସ୍ଥିତ ପ୍ରଭୁ ଅଲାନାଥଙ୍କ ମନ୍ଦିରକୁ ଯାଇଥାନ୍ତି ଏବଂ ବିଶ୍ୱାସ କରାଯାଏ ଯେ ଅନାସର ସମୟରେ ଅଲାରନାଥଙ୍କ ଚତୁର୍ଭୁଜ ନାରାୟଣ ମୂର୍ତ୍ତିଙ୍କୁ ଦର୍ଶନ କରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସମାନ ପୁଣ୍ୟ ପ୍ରାପ୍ତି ହୋଇଥାଏ। ଏହିପରି ଭାବରେ ଦେବସ୍ନାନ ପୂର୍ଣ୍ଣିମା ହେଉଛି ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଏକ ମୁଖ୍ୟ ପ୍ରାକ୍-ପର୍ବ ଯାହାର ସମଗ୍ର ମାନବ ସମାଜକୁ ଏକତା, ଭକ୍ତି ଏବଂ ଆଧ୍ୟାତ୍ମିକତାର ଏକ ଅପୂର୍ବ ବାର୍ତ୍ତା ପ୍ରଦାନ କରିଥାଏ ଏବଂ ଶେଷରେ ୧୫ଦିନର ଚକିତ୍ସା ପରେ ମହାପ୍ରଭୁ ସୁସ୍ଥ ହୋଇ 'ନବଯୌବନ ଦର୍ଶନ' ଏବଂ 'ନେତ୍ରୋତ୍ସବ' ମାଧ୍ୟମରେ ପୁନର୍ବାର ଭକ୍ତମାନଙ୍କ ସମ୍ମୁଖକୁ ଆସି ରଥଯାତ୍ରାରେ ବଡଦାଣ୍ଡକୁ ଓହ୍ଲାଇ ଆସନ୍ତି। ଆଶା କରେ ଦେବସ୍ନାନ ପୂର୍ଣ୍ଣିମାର ଏହି ସୁଦୀର୍ଘ ଅଖଣ୍ଡ ଏବଂ ଗହନ ବିବରଣୀ ମହାପ୍ରଭୁଙ୍କର ଅଲୌକିକ ରୀତିନୀତିର ଗାଥାକୁ ଆପଣଙ୍କ ସମ୍ମୁଖରେ ସାରଗର୍ଭକ ଭାବେ ଉପସ୍ଥାପିତ କରିପାରିଛି।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋବାଇଲ ନଂ-
୯୪୩୭୯୯୪୩୭୯

ଦିବ୍ୟ ସ୍ନାନଯାତ୍ରାର ପୌରାଣିକ ଦୃଷ୍ଟାନ୍ତ

ଅଧ୍ୟାପକ ହେମନ୍ତ କୁମାର

ବିଶ୍ୱ ବ୍ରହ୍ମାଣ୍ଡର ନିୟନ୍ତା ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ହେଉଛନ୍ତି ଜୀବନ୍ତ ଠାକୁର। ସେ ମର୍ତ୍ତ୍ୟବୈକୁଣ୍ଠ ନୀଳାଚଳ ଧାମରେ ରହି ମାନବୀୟ ଲୀଳା କରି ଚାଲିଛନ୍ତି। ମନୁଷ୍ୟ ଯେପରି ନିତ୍ୟ ନୈମିତ୍ତିକ କର୍ମ କରିଥାଏ, ସେପରି ମହାପ୍ରଭୁ ମଧ୍ୟ ସେବକ ମାନଙ୍କ ମାଧ୍ୟମରେ କରନ୍ତି। ଯେଉଳି ମୁଖ ପ୍ରକ୍ଷାଳନ ବା ଅବକାଶ ନୀତି ଠାରୁ ଆରମ୍ଭ କରି ରାତ୍ରି ଶୟନ ବା ପୌଢ଼ ନୀତି ପର୍ଯ୍ୟନ୍ତ ସମସ୍ତ କର୍ମାଦିମାନ। ମଣିଷ ଯେପରି ଶରୀର ତ୍ୟାଗ କରିଥାଏ ଏବଂ ତା'ର ଆତ୍ମା ଘଟ ପରିବର୍ତ୍ତନ କରେ, ସେଭଳି ଦାରୁବ୍ରହ୍ମଙ୍କ ବ୍ରହ୍ମ ପରିବର୍ତ୍ତନ ହେବା ସହ ନବକଳେବର ମଧ୍ୟ ହୋଇଥାଏ। ଭକ୍ତ ବିନୋଦିଆ ପ୍ରଭୁ ଭକ୍ତଙ୍କ ନିମନ୍ତେ , ସେ ବର୍ଷର ବାର ମାସରେ ତେର ଯାତ୍ରା କରିଥାନ୍ତି। ଯାହାକୁ ଦ୍ୱାଦଶ ଯାତ୍ରା କୁହାଯାଏ। ସେଥିମଧ୍ୟରୁ ସ୍ନାନଯାତ୍ରା ବା ଦେବସ୍ନାନ ପୂର୍ଣ୍ଣିମା ଅନ୍ୟତମ। ଏହା ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ହୋଇଥାଏ।ଏହି ସ୍ନାନଯାତ୍ରାର ବିଶେଷତ୍ୱ ପବିତ୍ର ସ୍କନ୍ଦ ପୁରାଣ, ପୁରୁଷୋତ୍ତମ ମାହାତ୍ମ୍ୟ, ବ୍ରହ୍ମ ପୁରାଣ ଓ ପଦ୍ମ ପୁରାଣାଦିରେ ବର୍ଣ୍ଣିତ ହୋଇଛି। ଉକ୍ତ ପୁରାଣ ଗୁଡିକରେ ଏହାର ଅଲୌକିକ ମହିମା ସମ୍ପର୍କରେ ବିସ୍ତୃତ ଭାବେ ଦେଖିବାକୁ ମିଳେ। ଯେପରି ସ୍କନ୍ଦ ପୁରାଣର 'ଉତ୍କଳ ଖଣ୍ଡ' ଅନୁଯାୟୀ, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦାରୁବ୍ରହ୍ମଙ୍କ ଶ୍ରୀବିଗ୍ରହ ପ୍ରତିଷ୍ଠା କରିଥିଲେ ଏବଂ ସ୍ୱୟଂ ବ୍ରହ୍ମା ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପ୍ରଭୁଙ୍କର ପ୍ରଥମ ଜଳାଭିଷେକ ବା ସ୍ନାନଯାତ୍ରା ସମ୍ପନ୍ନ କରିଥିଲେ ବୋଲି କୁହାଯାଇଛି। ଏହାର ମହିମା ବିଷୟରେ ବର୍ଣ୍ଣିତ ହୋଇଛି ଯେ:

ଜ୍ୟେଷ୍ଠସ୍ୟ ଶୁକ୍ଳପକ୍ଷେ ତୁ ପୂର୍ଣ୍ଣିମାୟାଂ ଦ୍ୱିଜୋତ୍ତମାଃ।

ସୁସ୍ନାତଂ ସର୍ବତୀର୍ଥୌଘୈଃ ପଶ୍ୟେତ ପୁରୁଷୋତ୍ତମମ୍

ସର୍ବପାପ ବିନିର୍ମୁକ୍ତଃ ସ ଗଚ୍ଛେଦ୍ ? ବୈଷ୍ଣବଂ ପଦମ୍

ଅଶ୍ୱମେଧସହସ୍ରସ୍ୟ ଫଳଂ ପ୍ରାପ୍ନୋତି ନିଶ୍ଚିତମ୍

ଅର୍ଥାତ୍ ହେ ଶ୍ରେଷ୍ଠ ଦ୍ୱିଜଗଣ (ବ୍ରାହ୍ମଣମାନେ) ! ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ସମସ୍ତ ପବିତ୍ର ତୀର୍ଥର ଜଳରେ ସ୍ନାନ କରିଥିବା ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ)ଙ୍କୁ ଯିଏ ଦର୍ଶନ କରେ, ସେ ନିଜର ସମସ୍ତ ପାପରୁ ମୁକ୍ତିଲାଭ କରି ଶେଷରେ ବିଷ୍ଣୁଲୋକ (ବୈକୁଣ୍ଠ)କୁ ପ୍ରାପ୍ତ ହୁଏ। ଏଥି ସହ ସେ ନିଶ୍ଚିତ ଭାବରେ ଏକ ହଜାର ଅଶ୍ୱମେଧ ଯଜ୍ଞର ଫଳ ପ୍ରାପ୍ତି କରିଥାଏ। ପ୍ରସିଦ୍ଧ ବ୍ରହ୍ମ ପୁରାଣରେ ଶ୍ରୀକ୍ଷେତ୍ର ଓ ସ୍ନାନବେଦୀର ଅଲୌକିକ ପ୍ରଭାବକୁ ବର୍ଣ୍ଣନା କରିବା ସହ କୁହାଯାଇଛି ଯେ,ଏହି ସ୍ନାନଯାତ୍ରା ଦିନ ଶ୍ରୀମନ୍ଦିରର 'ସୁନା କୂଅ'ରୁ ପବିତ୍ର ୧୦୮ ଗୋଟି ଗରା ଜଳ ଆସିଥାଏ। ତାହା ଅଧିବାସ ହେବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯାଏ। ଯାଫଳରେ ସଂସାରର ସମସ୍ତ ପ୍ରାଣୀମାନେ ଶୀତଳତା ପାଇଥାନ୍ତି। ତା'ସହ ପାବନ ଜନ୍ମୋତ୍ସବ ଉପରେ ମଧ୍ୟ ରଚନା କରାଯାଇଛି: ଦେବ ଦେବ ଜଗନ୍ନାଥ ସଂସାରାର୍ଣ୍ଣବତାରକ। ଜ୍ୟେଷ୍ଠେ ମାସି ସିତେ ପକ୍ଷେ ପୂର୍ଣ୍ଣିମାୟାଂ ଶୁଭେ ଦିନେଅବତୀର୍ଣ୍ଣୋଽସି ଜଗତୀ ମାନୁଷଂ ବପୁରାଶ୍ରିତଃ। ତସ୍ମାତ୍ତ୍ୱାଂ ପୂଜୟିଷ୍ୟାମି ସ୍ନାନଯାତ୍ରା ମହୋତ୍ସବୈଃ ଏହାର ଅର୍ଥ ହେ ଦେବଦେବ ! ହେ ଜଗନ୍ନାଥ ! ଆପଣ ଏ ସଂସାର ରୂପକ ସମୁଦ୍ରରୁ ଉଦ୍ଧାର କରୁଥିବା ତାରକ ବ୍ରହ୍ମ ଅଟନ୍ତି। ଆପଣ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଶୁଭ ପୂର୍ଣ୍ଣିମା ଦିନ ଏହି ପୃଥିବୀ ପୃଷ୍ଠରେ ମାନବୀୟ ଲୀଳା କରିବା ପାଇଁ ଦାରୁବ୍ରହ୍ମ ସ୍ୱରୂପରେ ଆବିର୍ଭୂତ ହୋଇଥିଲେ। ତେଣୁ ଆପଣଙ୍କର ଏହି ଜନ୍ମୋତ୍ସବକୁ ସ୍ନାନଯାତ୍ରା ମହୋତ୍ସବ ଭାବେ ପାଳନ କରାଯାଉଛି। ପଦ୍ମ ପୁରାଣ ଏବଂ ବାମଦେବ ସଂହିତା ଅନୁଯାୟୀ, ଶ୍ରୀଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣବ୍ରହ୍ମ ଏବଂ ସ୍ନାନମଣ୍ଡପକୁ 'ମୁକ୍ତି ମଣ୍ଡପ' ଠାରୁ ମଧ୍ୟ ଶ୍ରେଷ୍ଠ ବୋଲି ଗଣନା କରାଯାଇଛି। ସ୍ନାନବେଦୀରେ ପ୍ରଭୁମାନଙ୍କୁ ଦର୍ଶନ କଲେ , ମନୁଷ୍ୟ ଜନ୍ମ ମୃତ୍ୟୁ ଚକ୍ରରୁ ମୁକ୍ତି ପାଇଥାଏ ବୋଲି କୁହାଯାଇଛି: ସ୍ନାନମଣ୍ଡପସଂସ୍ଥଂ ତୁ ଦୃଷ୍ଟ୍ୱା ଦେବଂ ଜଗଦ୍ଗୁରୁମ୍। ନରୋ ମୁକ୍ତିମବାପ୍ନୋତି କିଂ ପୁନଃଶ୍ଚାଭିଷେଚନମ୍ ଅର୍ଥାତ୍ ସ୍ନାନ ମଣ୍ଡପରେ ବିରାଜମାନ ଜଗଦ୍‌ଗୁରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଚର୍ମ ଚକ୍ଷୁରେ ଦର୍ଶନକଲେ ଜୀବ ମୁକ୍ତିଲାଭ କରିଥାଏ, ଏହି ଦିବ୍ୟ ଅଭିଷେକ ବା ସ୍ନାନରୂପ ଦର୍ଶନର ମହିମା କେତେ ଯେ ଅପାର, ତାକୁ ଭାଷାରେ କହିବା ଏକ ଦୂରୁହ ବ୍ୟାପାର। ଶାସ୍ତ୍ରୀୟ ମତ ଅନୁଯାୟୀ, କୌଣସି ପୂଜା ବା ଶୁଭ କାର୍ଯ୍ୟର ଆରମ୍ଭରେ ପ୍ରଥମେ ପ୍ରଭୁ ଶ୍ରୀଗଣେଶଙ୍କ ପୂଜନର ବିଧାନ ରହିଛି। କାରଣ ସେ ହେଉଛନ୍ତି ବିଘ୍ନହର୍ତ୍ତା। ଶ୍ରୀମନ୍ଦିରର ବାର୍ଷିକ ଯାତ୍ରା ଚକ୍ର, ସ୍ନାନଯାତ୍ରାରୁ ହିଁ ଆରମ୍ଭ ହୋଇଥାଏ । ତେଣୁ ସାରା ବିଶ୍ୱକୁ ଶୁଭାଶିଷ ପ୍ରଦାନ କରିବା ଏବଂ ସମସ୍ତଙ୍କର ବିଘ୍ନ ନାଶ କରିବା ପାଇଁ ମହାପ୍ରଭୁ ପ୍ରଥମ ଯାତ୍ରାରେ ଗଜାନନ ରୂପ ଧାରଣ କରନ୍ତି । ଏହି ବେଶରେ ପ୍ରଭୁ ଶ୍ରୀଜଗନ୍ନାଥ କଳା ହାତୀ ରୂପରେ, ପ୍ରଭୁ ବଳଭଦ୍ର ଧଳା ହାତୀ ରୂପରେ ଏବଂ ମା' ସୁଭଦ୍ରା ପଦ୍ମଫୁଲ ବେଶରେ ସୁସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ଉକ୍ତ ବେଶର ହାତୀ ଶୁଣ୍ଢ ଓ କାନ ନିର୍ମାଣ ପାଇଁ ଆବଶ୍ୟକ ପଡେ ସୋଲ, କନା ଏବଂ ବାଉଁଶ ବତା। ଯାହାକୁ ରାଘବଦାସ ମଠ ଏବଂ ଗୋପାଳତୀର୍ଥ ମଠ ସମ୍ପୂର୍ଣ୍ଣ ନିଷ୍ଠାର ଭାବେ ପ୍ରସ୍ତୁତ କରିଥାନ୍ତି। ଏହି ବେଶ ପ୍ରମାଣିତ କରେ ଯେ, ସ୍ୱୟଂ ଶ୍ରୀ ଜଗନ୍ନାଥ ହିଁ ସର୍ବଦେବମୟ ଏବଂ ସେ ସବୁ ସଂପ୍ରଦାୟର ଭକ୍ତଙ୍କୁ ଆପଣେଇ ନିଅନ୍ତି। ଏହି ସର୍ବଦେବମୟ ସ୍ୱରୂପକୁ ବର୍ଣ୍ଣନା କରିବାକୁ ଯାଇ ସ୍କନ୍ଦ ପୁରାଣ ଅନ୍ତର୍ଗତ ଉତ୍କଳ ଖଣ୍ଡରେ କୁହା ଯାଇଛି ଯେ:ଜଗନ୍ନାଥଃ ସ୍ୱୟଂ ବ୍ରହ୍ମା, ବଳଭଦ୍ରୋ ମହେଶ୍ୱରଃ ।ସୁଭଦ୍ରା ସ୍ୱୟଂ ଶକ୍ତିଃ, ଗଜାନନସ୍ତୁ ସର୍ବମୟଃ ।।ଅର୍ଥାତ୍ ଶ୍ରୀଜଗନ୍ନାଥ ସ୍ୱୟଂ ବ୍ରହ୍ମା ଓ ବିଷ୍ଣୁ, ବଳଭଦ୍ର ମହାଦେବ ଏବଂ ମା' ସୁଭଦ୍ରା ହେଉଛନ୍ତି ସ୍ୱୟଂ ଶକ୍ତି ସ୍ୱରୂପା। ସ୍ନାନ ମଣ୍ଡପରେ ଏହି ତ୍ରିଧାମୂର୍ତ୍ତିଙ୍କ ଗଜାନନ ରୂପ ଏକତ୍ରିତ ହୋଇ ସର୍ବମୟ ବ୍ରହ୍ମ ସ୍ୱରୂପକୁ ପ୍ରଦର୍ଶନ କରନ୍ତି। ଏ ସମୟରେ ଭକ୍ତମାନେ ମହାପ୍ରଭୁଙ୍କ ଗଜାନନ ରୂପକୁ ସ୍ତୁତି ଗାନ କରି କହନ୍ତି:ବିଘ୍ନରାଜ ବିଘ୍ନବିନାଶନାୟ ଦାରୁବ୍ରହ୍ମ ସ୍ୱରୂପାୟ ହେ ସ୍ମରତାମ୍ ! ଶ୍ରୀକନ୍ଦରେ ଭକ୍ତାନାଂ ମୁଖ୍ୟଦାୟକ ଗଜବକ୍ତ୍ରଧର ନମୋ ନମୋ ଶ୍ରୀ ଜଗନ୍ନାଥ ।। ହେ ସମସ୍ତ ବିଘ୍ନର ବିନାଶକାରୀ ବିଘ୍ନରାଜ ! ଆପଣ ସ୍ୱୟଂ ଦାରୁବ୍ରହ୍ମ ସ୍ୱରୂପ ଅଟନ୍ତି । ଶ୍ରୀକ୍ଷେତ୍ରର ଶ୍ରୀକନ୍ଦରରେ (ନୀଳାଦ୍ରିରେ) ବିରାଜମାନ କରି ଆପଣ ନିଜର ଭକ୍ତମାନଙ୍କୁ ସର୍ବୋଚ୍ଚ ସୁଖ ଓ ମୁକ୍ତି ପ୍ରଦାନ କରନ୍ତି । ଏପରି ଗଜାନନ ରୂପ ଧାରଣକାରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆମର ଅନନ୍ତକୋଟି ପ୍ରଣାମ । ସେଭଳି ଶ୍ରୀଦାର୍ଢ୍ୟତା ଭକ୍ତି ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି ଯେ, ଏହି ଗଜରୂପ ଦେଖି ଜଗନ୍ନାଥଙ୍କ ଅନନ୍ୟ ଭକ୍ତ ଗଣପତି ଭଟ୍ଟ ଭାବବିହ୍ୱଳ ହୋଇ ସ୍ତୁତି ଗାନ କରିଥିଲେ:ତବ ଦର୍ଶନେ ଦାରୁବ୍ରହ୍ମ । ତୁଟିଲା ମୋର ମତିଭ୍ରମ ଲଭିଲି ପରମ କାରଣ । ଏବେ ଯା ମାଗୁଅଛି ଶୁଣ ଆଜ୍ଞୁଁ ଏ ଦେବସ୍ନାନ ଯାତ । ଯେବେ ହୋଇବ ଜଗନ୍ନାଥ କେବଳ ହସ୍ତୀ ବେଶ ହୋଇ । ବିଜେ କରିବ ଭାବଗ୍ରାହୀ ଭକ୍ତ ବତ୍ସଳ ଭାବଗ୍ରାହୀ ଶ୍ରୀଜଗନ୍ନାଥଙ୍କୁ ଯେ ଯେପରି ରୂପେ ସ୍ମରଣ କରେ ମହାପ୍ରଭୁ ତାଙ୍କୁ ସେପରି ରୂପରେ ଦର୍ଶନ ଦିଅନ୍ତି। ସେ ସ୍ନାନ ମଣ୍ଡପରେ ରହି ସମସ୍ତ ଜନସମାଜକୁ ଜଣାଇଦିଅନ୍ତି ଯେ, ସେ ହେଉଛନ୍ତି ଜୀବନ୍ତ ଠାକୁର। ଏହି ପାବନ ଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ହେଉଛି ଓଡ଼ିଶାର ସାଂସ୍କୃତିକ ଏବଂ ଏକତାର ପ୍ରତୀକ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏ ଦିନ ସମସ୍ତେ ସ୍ନାନବେଦୀରେ ଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମୁକ୍ତ ଭାବେ ଦର୍ଶନ କରିବାର ସୁଯୋଗ ପାଆନ୍ତି । ଯାହାକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟ ବୋଲି କୁହାଯାଏ।

ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ,
କବିସୂର୍ଯ୍ୟ ନଗର ।
୯୮୬୧୩୩୪୮୬୮

ପ୍ରତିଶବ୍ଦ TV
ଭୁବନେଶ୍ୱର, ୬ ଜୁଲାଇ ୨୦୨୬

ବହୁ ପ୍ରତୀକ୍ଷିତ ଚିଠା ଭୋଟର ତାଲିକା ପ୍ରକାଶିତ

ଦାବି, ଆପତ୍ତି ଅଭିଯୋଗ ତଥା ତ୍ରୁଟି ସଂଶୋଧନ ପ୍ରକ୍ରିୟା ଆରମ୍ଭ

ବ୍ରହ୍ମପୁର,୫।୭ : ବ୍ରହ୍ମପୁର ଉପଖଣ୍ଡ ଅନ୍ତର୍ଗତ ୫ଟି ନିର୍ବାଚନ ମଣ୍ଡଳୀ ସାନଖେମୁଣ୍ଡି, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଏବଂ ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏ ସଂପର୍କିତ କାର୍ଯ୍ୟକ୍ରମରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ସୋସିଆଲ୍ ମିଡ଼ିଆ ଠାରୁ ଆରମ୍ଭ କରି ଉଭୟ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକ ଓ କ୍ୟାମେରାମ୍ୟାନଙ୍କ ଭରପୁର ଉପସ୍ଥିତି ପରିଲକ୍ଷିତ ହୋଇଥିଲା । ଉତ୍ସୁକତାର ଅବସାନ ଘଟାଇ ଉପରୋକ୍ତ ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ଇ.ଆ.ର ଓ ମାନଙ୍କ ଦ୍ୱାରା 'ଚିଠା ଭୋଟର ତାଲିକା' ପ୍ରକାଶିତ ହୋଇଥିଲା। ଉପ ଜିଲ୍ଲାପାଳ ଅବିନାଶ କୁମାରଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏ.ଡି.ଏମ୍ ସୁନିଲ୍ କୁମାର କେର୍କେଟା, ମହାନଗର ନିଗମ ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ଅତିରିକ୍ତ ଉପ ଜିଲ୍ଲାପାଳ ରୀନା କୁମାରୀ ନାଏକ, ଡ଼େପୁଟି କଲେକ୍ଟର ଅଲେଖ ରଞ୍ଜନ ମହାକୁଡ଼, ସୁବ୍ରତ ଶତପଥି, ତହସିଲଦାର ରାକେଶ କୁମାର ପରିଡ଼ାଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ସଭା ପ୍ରାରମ୍ଭରେ ଉପ ଜିଲ୍ଲାପାଳ ଉପସ୍ଥିତ ରାଜନୈତିକ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି କହିଥିଲେ କି, ଚିଠା ଭୋଟର ତାଲିକା ପ୍ରକାଶନ ପର ପର୍ଯ୍ୟାୟ ହେଉଛି ଏସ୍. ଆଇ.ଆର୍ ପ୍ରକ୍ରିୟାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ତାଲିକାରେ ରହିଯାଇଥିବା ତ୍ରୁଟି ସଂଶୋଧନ, ଯୋଗ୍ୟ ଏବଂ ନୂତନ ଭୋଟରଙ୍କ ଅନ୍ତର୍ଭୁକ୍ତି, ଅଯୋଗ୍ୟ, ସ୍ଥାୟୀ ଭାବେ ସ୍ଥାନାନ୍ତରିତ, ମୃତ, ନକଲି ଭୋଟରଙ୍କ ନାମ ବାଦ୍ ଦେବା ପରି ପଦକ୍ଷେପ ଦ୍ୱାରା ସ୍ୱଚ୍ଛ ଭୋଟର ତାଲିକା ପ୍ରକାଶିତ ହୋଇପାରିବ । ଏଥିପାଇଁ ଚଳିତ ପର୍ଯ୍ୟାୟରେ ଆଗାମୀ ଅଗଷ୍ଟ ମାସ ୪ ତାରିଖ ପର୍ଯ୍ୟନ୍ତ ତ୍ରୁଟି ସଂଶୋଧନ ନିମନ୍ତେ ଆବେଦନ ପ୍ରକ୍ରିୟା ଜାରି ରହିବ । ଏହି ପର୍ଯ୍ୟାୟରେ ରାଜନୈତିକ ଦଳର ପ୍ରତିନିଧିଗଣଙ୍କ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ କାରଣ ବୁଥ୍ ସ୍ତରୀୟ ତର୍ଜମା କରି ସେମାନେ ଆବଶ୍ୟକ ପଦକ୍ଷେପ ଦିଗରେ ସହାୟକ ହୋଇପାରିବେ । ଏ ଦିଗରେ ସେମାନେ ସଂପୃକ୍ତ ବି.ଏଲ୍.ଓଙ୍କ ସହାୟତା ନେଇପାରିବେ ବୋଲି ଉପ ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ରାଜନୈତିକ ପ୍ରତିନିଧିଙ୍କ ଦ୍ୱାରା ଉତ୍ଥାପିତ ପ୍ରଶ୍ନର ଉତ୍ତର ଦେବା ସହ ସେମାନଙ୍କ ସନ୍ଦେହ ମୋଚନ ତଥା ଅଭିଯୋଗଗୁଡ଼ିକର ତତ୍କାଳ ସମାଧାନ ନିମନ୍ତେ ତାଙ୍କର ବ୍ୟକ୍ତିଗତ ପ୍ରୟାସ ରହିବ ବୋଲି ସେ ଆଶ୍ୱାସନା ଦେଇଥିଲେ ।

ମଦ ବୋଝେଇ ଗାଡ଼ିକୁ ଏସକର୍ଟ ଦେଲେ ଶତାଧିକ ଅବକାରୀ କର୍ମଚାରୀ

ବଲାଙ୍ଗୀର/ଟିଟିଲାଗଡ, ୫।୭ : ଜନବସତି ଅଞ୍ଚଳରେ କେମିତି ବିନା ଅନୁମତି ରେ ମଦ ଦୋକାନ ହେଲା ସେ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। କେତେକ ବିହାରୀ ତଥା ଛତିଶଗଡ ଅଂଚଳ ର ଶତାଧିକ ଗୁଣ୍ଡା ସମେତ ଶତାଧିକ ଅବକାରୀ ବିଭାଗ ର ବଲାଙ୍ଗୀର ଜିଲ୍ଲା, ସୋନପୁର ଜିଲ୍ଲା ଅବକାରୀ ବିଭାଗ ମିଳିତ ଭାବରେ ଏକ ବିଦେଶୀ ମଦ ବୋଝେଇ ଗାଡି କୁ ଏସ୍କର୍ଟ ଦେଇ ଟିଟିଲାଗଡ଼ ସହର ହାଇସ୍କୁଲ ପଡା ସ୍ଥିତ ଏକ ଜନବସତି ଅଂଚଳ ରେ ବିଦେଶୀ ମଦ ଦୋକାନ ଖୋଲିବା ନେଇ ସ୍ଥାନୀୟ ଲୋକେ ପ୍ରତିବାଦ କରିବା ସହ କିଭଳି ଭାବରେ ଜନବସତି ଅଂଚଳ ରେ ମଦ ଦୋକାନ ଖୋଲିବାକୁ ଅନୁମତି ପ୍ରଦାନ କରାଗଲା ବୋଲି ତୀବ୍ର ବିରୋଧ ପ୍ରଦର୍ଶନ କରୁଥିଲେ ସୁଦ୍ଧା ଅବକାରୀ ବିଭାଗ ଜୋର ଜବରଦସ୍ତ ସ୍ଥାନୀୟ ଲୋକଙ୍କୁ ହଟାଇବା ସହ ବିଦେଶୀ ମଦ ଗାଡି ରୁ ବାହାର କରି ଏକ ଘର ଭିତରେ ରଖିବା ପାଇଁ ସମସ୍ତ ସୀମା କୁ ଡେଇଁଥିବା ସାଧାରଣ ଙ୍କୁ ଚକିତ କରିଛି । ଏକ ମଦ ବୋଝେଇ ଗାଡି କୁ ପ୍ରାୟ କୋଡିଏ ଗୋଟି ଚାରି ଚକିଆ ଯାନବାହାନ ରେ ଅବକାରୀ ବିଭାଗ ଏବଂ କେତେକ ବାହାରି ଗୁଣ୍ଡା ଶ୍ରେଣୀୟ ଲୋକେ ଆଣୁଥିବା ବେଳେ ସହର ରେ ଏକ ପ୍ରକାର ଭୟ ର ବାତାବରଣ ଦେଖା ଦେଇଥିଲା । କିଛି ସମୟ ଧରି ଟ୍ରାଫିକ ସମସ୍ୟା ବି ବାଧା ପ୍ରାପ୍ତ ହୋଇଥିଲା । ବିପୁଳ ପରିମାଣ ରେ ଅବକାରୀ ବିଭାଗ କିଭଳି ଏକ ମଦ ବୋଝେଇ ଗାଡି କୁ ଏସକର୍ଟ କରି ଆଣିଲା ବୋଲି ଟିଟିଲାଗଡ଼ ଅବକାରୀ ବିଭାଗ ଇନ୍ସପେକ୍ଟର ସଚିନ ବେହେରା ଙ୍କୁ ପଚରାଯିବା ରୁ କେହି ଏସକର୍ଟ ରେ ଆସିନାହିଁ ବୋଲି କହିବା ଘଟଣା ହିଁ ସନ୍ଦେହ ପ୍ରକାଶ ପାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂତନ ଅବକାରୀ ଆଇନ ଅନୁଯାୟୀ କୌଣସି ବିଦେଶୀ ମଦ ଦୋକାନ ଜନବସତି ଅଂଚଳ ରେ ଖୋଲିବା ନେଇ ସ୍ପଷ୍ଟ ଭାବରେ କଟକଣା ଥିବା ସତ୍ତ୍ୱେ ପୁଣି ସୁପ୍ରିମ କୋର୍ଟ ର ନିର୍ଦ୍ଦେଶ ରେ ମଧ ସ୍ପଷ୍ଟ ଭାବରେ ରହିଛି ଯେ କୌଣସି ପ୍ରକାର ନିଶା ଦ୍ରବ୍ୟ ଓ ମଦ ଦୋକାନ ଜନବସତି ଅଂଚଳ ରେ ଖୋଲାଯାଇ ପାରିବ ନାହିଁ। ହେଲେ ସମସ୍ତ ଅବକାରୀ ନିୟମ ତଥା ସୁପ୍ରିମ କୋର୍ଟ ଙ୍କ ନିର୍ଦ୍ଦେଶ କୁ ଖୋଲାଖୋଲି ଉଲଂଘନ କରାଯାଇଥିବା ବେଳେ ଅବକାରୀ ଅଧିକାରୀ ଏନେଇ ଚୁପ ରହିବା ସହ ଗୁଣ୍ଡା ମାନଙ୍କ ସହ ମିଶି ମଦ ମାଲିକ ଙ୍କୁ ସୁରକ୍ଷା ଦେଉଥିବା ଦେଖିବାକୁ ମିଳିଛି । ଏଠାରେ ସୂଚନା ଯୋଗ୍ୟ ଯେ ଉକ୍ତ ବିଦେଶୀ ମଦ ଦୋକାନ ର କେତେକ କର୍ମଚାରୀ ପାଟଣାଗଡ଼ ରେ ନକଲି ମଦ ପ୍ରସ୍ତୁତ କରୁଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମ ରେ ଭାଇରଲ ହେଉଥିବା ବେଳେ ଏହାର ପୁନରାବୃତ୍ତି ଟିଟିଲାଗଡ଼ ସହର ରେ ମଧ ଘଟିବ ବୋଲି ଏବେ ଠୁ ସହରରେ ଚର୍ଚ୍ଚା ହେବା ସହ ଭାଳେଣି ପଡ଼ିଲାଣି କ୍ଷ ଏମିତି କି ଉକ୍ତ ମଦ ବ୍ୟବସାୟୀ ଟିଟିଲାଗଡ଼ ପୌରପରିଷଦ ଅଧିନସ୍ଥ ୯ ନମ୍ବର ୱାର୍ଡ ରେ ପାଇଥିବା ବେଳେ ୮ ନମ୍ବର ୱାର୍ଡ ରେ କେମିତି ମଦ ବୋଝେଇ ଗାଡି ରୁ ସମସ୍ତ ମଦ କୁ ଏକ ଜନବସତି ଅଂଚଳ ରେ ରଖିବାକୁ ଅବକାରୀ ବିଭାଗ ଅନୁମତି ଦେଲେ ବୋଲି ଏବେ ସହରରେ ଚର୍ଚ୍ଚା ହେବା ସହ ଏହାରି ପଛରେ ବଲାଙ୍ଗୀର ଜିଲ୍ଲା ର ଏକ ପ୍ରମୁଖ ରାଜନୈତିକ ନେତା ତଥା ଶାସକଦଳ ର ବରିଷ୍ଠ ମନ୍ତ୍ରୀ ଙ୍କ ହାତ ଥିବା ନେଇ ଆଲୋଚନା ହେଉଛି । ଅବକାରୀ ବିଭାଗ ଛାନିଆ ହୋଇ ଉକ୍ତ ମଦ ବେପାରୀ ତଥା ଗୁଣ୍ଡା ମାନଙ୍କୁ ପ୍ରଶ୍ରୟ ଦେବା ସହ ସମସ୍ତ ପ୍ରକାର ନିୟମ କୁ ଫୁ କରିଥିବା ଚର୍ଚ୍ଚା ହେଉଛି ।ଉକ୍ତ ସ୍ଥାନରେ ମଦ ଦୋକାନ କରାଗଲେ ପରିସ୍ଥିତି ଭୟାବହ ହେବ ବୋଲି ପ୍ରକାଶ ଅଞ୍ଚଳ ବାସୀ ଚେତାବନୀ ଦେଇଛନ୍ତି ।

ଇଡ଼କୋ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ ପ୍ରକଳ୍ପରେ 'ବ୍ଲାକ୍ ସ୍ପଟ୍'

ଭୁବନେଶ୍ୱର,୫।୭ : ରାଜ୍ୟ ସରକାର ର କ୍ରୀଡା ବିଭାଗ ବ୍ଲକ ସ୍ତର ରେ ଷ୍ଟାଡିୟମ ନିର୍ମାଣ ପାଇଁ ଅନ୍ୟ ନିର୍ମାଣ ବିଭାଗ ସହ ଇଡ଼କୋ କୁ ଦାୟିତ୍ୱ ଦେଇଥିବା ବେଳେ ଇଡ଼କୋ ଟେଣ୍ଡର ସାରି ସାରିଛି, ହେଲେ କାର୍ଯ୍ୟ କାହିଁକି ଆଗକୁ ବଢୁନି ବିଭାଗ ର ସମସ୍ୟା କେଉଁଠି ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ୧୬୯ଟି ବ୍ଲକ୍ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପ୍ରକଳ୍ପ ମଧ୍ୟରୁ ୬୯ଟି ପ୍ରକଳ୍ପର କାର୍ଯ୍ୟ ଦାୟିତ୍ୱ ଇଡ଼କୋ କୁ ଦିଆଯାଇଛି। କିନ୍ତୁ ଅନ୍ୟ ବିଭାଗ, ଯଥା ଗ୍ରାମ୍ୟ ଉନ୍ନୟନ ଓ ଲୋକ ନିର୍ମାଣ ବିଭାଗ ଅନେକ ପ୍ରକଳ୍ପରେ କାର୍ଯ୍ୟାଦେଶ ଜାରି କରି କାମ ଆରମ୍ଭ କରିଥିବାବେଳେ, ଇଡ଼ କୋ ଅଧୀନରେ ଥିବା ଅଧିକାଂଶ ପ୍ରକଳ୍ପ ଏପର୍ଯ୍ୟନ୍ତ କେବଳ ଟେଣ୍ଡର ପ୍ରକ୍ରିୟାରେ ଅଟକି ରହିଛି। ପ୍ରାୟ ୩ରୁ ୪ ମାସ ବିତିଯାଇଥିଲେ ମଧ କାମ ଆରମ୍ଭ ନ ହେବା ପ୍ରଶାସନିକ ଧୀରଗତି ଓ କାର୍ଯ୍ୟକାରିତା ରେ ବିଳମ୍ବକୁ ସ୍ପଷ୍ଟ କରୁଛି। ଏଭଳି ସ୍ଥିତି ଜାରି ରହିଲେ ବ୍ଲକ୍ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବିକାଶ ଯୋଜନାରେ ଇଡ଼କୋ ଏକ 'ବ୍ଲାକ୍ ସ୍ପଟ୍' ଭାବେ ପରିଗଣିତ ହେବାର ଆଶଙ୍କା ରହିଛି। କଳା ତାଲିକା ଯୁକ୍ତ ହେବା ପୂର୍ବ ରୁ ଇଡ଼କୋ କମିଶନର ଦୃଷ୍ଟି ଦେବା ଆବଶ୍ୟକ।

ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ଆସର

ବ୍ରହ୍ମପୁର,୫।୭ : ଆଜି ସକାଳେ ଉତ୍କଳ ଆଶ୍ରମର ପାଠାଗାର ପ୍ରକୋଷ୍ଠ ରେ ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ଆସର ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଏଥିରେ ସଂସଦର ସଭାପତି ଡକ୍ଟର ସୁରେନ୍ଦ୍ର ନାଥ ପାଣିଗ୍ରାହୀ ସଭାପତି ,ଡକ୍ଟର ଅଶୋକ କୁମାର ତ୍ରିପାଠୀ, ଆଲୋଚକ, ଲକ୍ଷ୍ମୀକାନ୍ତ ପାତ୍ର ସମ୍ମାନିତ ଅତିଥି,ବିଘ୍ନେଶ୍ୱର ସାହୁ ସମୀକ୍ଷକ ଗାୟତ୍ରୀ ପାଣିଗ୍ରାହୀ, ସଂଯୋଜିକା ଓ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ସମ୍ପାଦକ ମଞ୍ଚସୀନ ଥିଲେ।ପ୍ରାକ୍ତନ ଓଡ଼ିଆ ପ୍ରାଧାପକ ଡକ୍ଟର ଅଶୋକ କୁମାର ତ୍ରିପାଠୀ ଆଲୋଚକ ଭାବେ ଯୋଗ କରି ଓଡ଼ିଆ ସାହିତ୍ୟରେ ସଙ୍ଗୀତ ନାଟକର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ କହିବା ସହିତ କିପରି ଭାବେ କପିଳେନ୍ଦ୍ର ଦେବଙ୍କ ଠାରୁ ଆରମ୍ଭ ହୋଇ ଗବେଷକ ଶ୍ରୀରଙ୍ଗା ନାୟକଙ୍କ ପର୍ଯ୍ୟନ୍ତ ଲିଖିତ ସଙ୍ଗୀତ ନାଟକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚମ୍ପୁ କାବ୍ୟକୁ ନାଟକ ରୂପେ ରଚନା କରି କିପରି ସଙ୍ଗୀତ ନାଟକ ଭାବେ ପରିବେଷଣ କରାଯାଇଛି ତାହାର ମଧ ସୂଚନା ପ୍ରଦାନ କରିଥିଲେ ।ଏହି ସଙ୍ଗୀତ ନାଟକ କିପରି ଦକ୍ଷିଣାଞ୍ଚଳ ରେ ତାହାର ପ୍ରଚାର ଓ ପ୍ରସାର ଲାଭ କରିଛି ସେହି ସମ୍ପର୍କରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଲକ୍ଷ୍ମୀ କାନ୍ତ ପାତ୍ର ନିଜ ପୁସ୍ତକ ଋଷିପୁତ୍ର ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଋଷି ପୁତ୍ର ପୁସ୍ତକକୁ ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ ଚମତ୍କାର ସମିକ୍ଷା କରିଥିଲେ। ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ପ୍ରଫୁଲ୍ଲ କୁମାର ମହାପାତ୍ର ଗାନ କରିଥିଲେ। କବିତା ଓ ଗଳ୍ପ ଗୁଡ଼ିକ ଶ୍ରୀମତୀ ଗାୟତ୍ରୀ ପାଣିଗ୍ରାହୀ ସଂଯୋଜନା କରିଥିଲେ। ୧୦ ଗୋଟି କବିତା ଓ ଗୋଟିଏ ଗଳ୍ପ ପଠନ ହୋଇଥିଲା। ଏଥିରେ ୨୫ ଜଣ ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ।

କୂଅରୁ ଉଦ୍ଧାର ହେଲା ୭ଟି ନାଗ ସାପ ଛୁଆ

ବ୍ରହ୍ମପୁର,୫।୭ : ଲାଞ୍ଜିପଲ୍ଲୀ ଗଣେଶ ନଗରର ଏକ କୂଅରୁ ଉଦ୍ଧାର ହେଲା ୭ଟି ନାଗ ସାପ ଛୁଆ। ସ୍ନେକ ହେଲ୍‌ପ ଲାଇନ୍ ପକ୍ଷରୁ ଏହାକୁ ଉଦ୍ଧାର କରିବା ପରେ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ଉଦ୍ଧାର ସାପଙ୍କୁ ରବିବାର ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଥୁବା ବନ ବିଭାଗ ସୂଚନା ଦେଇଛି। ସୂଚନା ମୁତାବକ, ଲାଞ୍ଜିପଲ୍ଲୀ ଗଣେଶ ନଗରର ପ୍ରଶାନ୍ତ କୁମାର ଦାଶଙ୍କ ଘର ବାଡ଼ିରେ ଥିବା କୂଅରେ ଗତ ଶୁକ୍ରବାର କିଛି ସାପ ଛୁଆ ଭାସୁଥିବା ପରିବାର ସଦସ୍ୟ ଦେଖୁଥିଲେ । ସାପକୁ ଉଦ୍ଧାର କରିବାକୁ ସେ ସ୍ନେକ ହେଲ୍ପ ଲାଇନ ସଦସ୍ୟ ସନ୍ଦୀପ ସେଠୀଙ୍କୁ ଯୋଗାଯୋଗ କରିଥିଲେ। ତେବେ ସନ୍ଧ୍ୟା ହୋଇ ଯାଇଥିବାରୁ ଶନିବାର ଉକ୍ତ ସାପ ଗୁଡ଼ିକୁ କୂଅ ମଧ୍ୟରୁ ସ୍ନେହ ହେଲ୍ପ ଲାଇନ ସଂଯୋଜକ ସ୍ୱାଧୀନ ସାହୁ ଓ ସଦସ୍ୟ ସନ୍ଦୀପ ପହଞ୍ଚି ଉଦ୍ଧାର କରିଥିଲେ। ଏହାପରେ ସମସ୍ତ ୭ ନାଗ ସାପ ଛୁଆକୁ ବନବିଭାଗକୁ ହସ୍ତାନ୍ତର କରିଥିଲେ। ବ୍ରହ୍ମପୁର ଡିଏଫ୍‌ଓ ସନି ଖୋଖରଙ୍କ ପରାମର୍ଶକ୍ରମେ ସବୁ ସାପକୁ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଛି। ଉଲ୍ଲେଖ ଥାଉକି, ୨୦୨୧ ଜୁଲାଇ ମାସରେ ସେହି କୂଅରୁ ୧୫ଟି ନାଗ ସାପ ଛୁଆ ସ୍ନେକ ହେଲ୍ପ ଲାଇନ ପକ୍ଷରୁ ଉଦ୍ଧାର କରାଯାଇଥିଲା।

ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧଦିବସରେ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା

ଆଠମଲ୍ଲିକ,୫।୭ : ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ୯୮ ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଆଜି ଦୈନିକ ସମାଜ ତରଫରୁ ଆଠମଲ୍ଲିକ ରେ ନିରନ୍ତର ବର୍ଷା ସତ୍ତ୍ୱେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ର ସଫଳ ଆୟୋଜନ ହୋଇଥିଲା ପ୍ରତିଯୋଗିତା ରେ ୧୧୩ ଛାତ୍ର ଛାତ୍ରୀ ଯୋଗ ଦେଇ ପ୍ରତିଯୋଗିତା ରେ ଭାଗ ନେଇଥିଲେ । ସ୍ଥାନୀୟ ସରସ୍ୱତୀଶିଶୁ ବିଦ୍ୟା ମନ୍ଦିର ରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା ରେ ୬୯ ପ୍ରତିଯୋଗି,କୁଇଜ ପ୍ରତିଯୋଗିତା ରେ ୪୪ ପ୍ରତିଯୋଗୀ ଭାଗ ନେଇଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତା ରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଠମଲ୍ଲିକ ଛାତ୍ରୀ ସୁପ୍ରତୀକ୍ଷା କର୍ଣ୍ଣ ପ୍ରଥମ,କେନ୍ଦ୍ରୀୟ ବିଦ୍ୟାଳୟ ଆଠମଲ୍ଲିକ ଛାତ୍ର ପ୍ରୟାଂଶ ପ୍ରଣିତେଶ ସାହୁ ଦ୍ୱିତୀୟ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଆଠମଲ୍ଲିକ ଛାତ୍ରୀ ପ୍ରିୟା ରଣା ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କୁଇଜ ପ୍ରତିଯୋଗିତା ରେ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟ କୁଟେଶ୍ୱର ର ଛାତ୍ର ରୋଶନ ଦେହୁରୀ ପ୍ରଥମ,ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟ ର ଛାତ୍ର ସ୍ମୃତି ରଞ୍ଜନ ସାହୁ ଦ୍ୱିତୀୟ,ପି ଏମ ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଆଠମଲ୍ଲିକ ଛାତ୍ରୀ ଶୁଭଲକ୍ଷ୍ମୀ ବିଶି ତୃତୀୟ ସ୍ଥାନ ଅଧିକାର କରିଥିଲେ । ଦୈନିକ ସମାଜ ଆଠମଲ୍ଲିକ ପ୍ରତିନିଧି କମଳାକାନ୍ତ ମିଶ୍ର ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବ ରେ ଅତିଥି ଭାବରେ ଆଠମଲ୍ଲିକ ମହାବିଦ୍ୟାଳୟ ର ଓଡ଼ିଆ ଅଧାପକ ଡ଼ଃ ହୃଷିକେଶ ମହାକୁଡ଼, ଷୋଳପଦା ଡିଗ୍ରୀ କଲେଜ ଠାକୁରଗଡ଼ ଅଧାପିକା ଡ଼ଃ କଲ୍ୟାଣୀରୁପା ମିଶ୍ର, ପ୍ରଧାନଆଚାର୍ଯ୍ୟ ତରୁଣ କୁମାର ଦାଶ, ସରସ୍ୱତୀଶିଶୁ ବିଦ୍ୟା ମନ୍ଦିର ର ପରିଚାଳନା କମିଟି ର ସହ ସମ୍ପାଦକ ଧୃବଚରଣ ବଡ଼ମାଳି ପ୍ରମୁଖ ଯୋଗ ଦେଇ ପଣ୍ଡିତ ଗୋପବନ୍ଧୁ ଦାଶ ଙ୍କ ସେବା ଚିନ୍ତା ଧାରା କୁ ସମସ୍ତେ ଆପଣାଇ ଭବିଷ୍ୟତ ରେ ସମାଜ ପାଇଁ ସେବା ମନୋବୃତ୍ତି ରଖିବାକୁ ଛାତ୍ର ଛାତ୍ରୀ ଙ୍କୁ ପରାମର୍ଶ ଦେବା ସହିତ ପ୍ରତିଯୋଗିତା ରେ ବାରମ୍ବାର ଭାଗ ନେଲେ ଭବିଷ୍ୟତ ରେ ନିଶ୍ଚିତ ସଫଳତା ପାଇବ ବୋଲି କହିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତା ରେ ବିଚାରକ ଭାବରେ ଶିକ୍ଷକ ମାନସ ବିଶ୍ୱାଳ, ଚିତ୍ରକର ଟୁକୁନୁ ବେହେରା, ଅଭିଳାଷ ସ୍ୱାଇଁ, କୁଇଜ ପ୍ରତିଯୋଗିତା ରେ ବିଚାରକ ଭାବରେ ଶିକ୍ଷକ ବିକାଶ ଧଳ, ଦିଲ୍ଲୀପ ମିଶ୍ର, ଦେବରାଜ ପ୍ରଧାନ ଉପସ୍ଥିତ ରହି ମୂଲ୍ୟାଙ୍କନ କରିଥିଲେ । ଏହି ଅବସରରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନ ପତ୍ର ଓ ଆର୍ଥିକ ରାଶି ଦିଆ ଯାଇ ପୁରସ୍କୃତ କରା ଯାଇଥିଲା । ସମସ୍ତ କାର୍ଯ୍ୟକ୍ରମ କୁ ସମାଜ ପ୍ରତିନିଧି କମଳାକାନ୍ତ ମିଶ୍ର ପରିଚାଳନା କରିଥିବା ବେଳେ ସାମ୍ବାଦିକ ଉଦିପ୍ତ ପୁରୋହିତ, ସୁନୀଲ କୁମାର ମିଶ୍ର, ଜ୍ୟୋତିପ୍ରକାଶ ମିଶ୍ର, , ଶ୍ୟାମା ପ୍ରସାଦ ଜ୍ୟୋତିଷରାୟ,, ଯୁବ ସ୍ୱେଚ୍ଛାସେବୀ ଓମ ପାଣ୍ଡେ , ଆଚାର୍ଯ୍ୟା ରତ୍ନପ୍ରଭା ପ୍ରଧାନ, ଶାଶ୍ୱତୀ ସୋମ୍ୟା ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ । ପ୍ରାରମ୍ଭରେ ବିଦ୍ୟା ଦାୟିନୀ ମା ସରସ୍ୱତୀ ଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ଫୋଟ ଚିତ୍ର ରେ ମାଲ୍ୟାର୍ପଣ କରା ଯାଇ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରା ଯାଇଥିଲା । କ୍ଷଶେଷରେ ସାମ୍ବାଦିକ ସୁବୋଧ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଗେଟ୍ ବଜାର ଫ୍ଲାଏ ଓଭର କାମରେ ଅଗ୍ରଗତି
ପିଲର୍ ଉପରେ ଗାଡ଼ ୱାଲ କାମ ଆରମ୍ଭ

ବ୍ରହ୍ମପୁର,୫।୭ : ବ୍ରହ୍ମପୁର ଗେଟବଜାର ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ରେ ଅଗ୍ରଗତି ହେଉଛି ପ୍ରଶାସନ ଓ ପୋଲିସ ସହଯୋଗ ରେ ରାତ୍ର କାଳୀନ ଆସ୍କା ରୋଡ଼ କଟକଣା ରାତ୍ର ୧୧.୩୦ ରୁ ସକାଳ ୫.୦୦ ଟା ଯାନବାହାନ ବନ୍ଦ ହେବା ପରେ ଫ୍ଲାୟ ଓଭର କାର୍ଯ୍ୟ ର ଅଗ୍ରଗତି ହେଉଥିବା ଦେଖିବାକୁ ମିଳିଛି ଆଉ କିଛି ସମସ୍ୟା ପିଛା ଛାଡ଼ିବାର ନା' ନେଉନାହିଁ । ବ୍ରିଜ ନିର୍ମାଣ କାମକୁ ତ୍ୱରାନ୍ୱିତ କରିବା ପାଇଁ ସିଟି ହସ୍ପିଟାଲ ଛକ ସମ୍ମୁଖରେ ଥିବା ପ୍ରାୟ ୪୧ ଟି ଦୋକାନ ଉଚ୍ଛେଦ କରିବା ପାଇଁ ନୋଟିସ ଜାରି କରିଛି ମହାନଗର ନିଗମ (ବିଏମ୍?ସି) । ଗତ ଜୁନ୍ ୨୦ ତାରିଖରେ ଜାରି ହୋଇଥଇବା ନୋଟିସ୍‌ରେ ୭ ଦିନ ମଧ୍ୟରେ ଦୋକାନ ଖାଲି କରିବାକୁ ବ୍ୟବସାୟୀଙ୍କୁ କୁହାଯାଇଛି। ତେବେ ଦୋକାନ ଉଚ୍ଛେଦ ନୋଟିସକୁ ନେଇ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦୀର୍ଘ ବର୍ଷ ଧରି ସିଟି ହସ୍ପିଟାଲ ସମ୍ମୁଖରେ ବ୍ୟବସାୟ କରି ନିଜ ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ ନୋଟିସ ସେମାନଙ୍କ ନିଦ ହଜାଇ ଦେଇଛି। ଏହାସହିତ ବ୍ରଜ କାମ ଚାଲୁଅଛି। ଦୟାକରି ଗାଡି ଧିରେ ଚଲାନ୍ତୁ ହଠାତ୍ ୭ ଦିନ ମଧ୍ୟରେ ଦୋକାନ ଖାଲି କରିବାକୁ ନୋଟିସ୍ ଦିଆଯାଇଛି ମିଳିଥିବା ସୂଚନା ଅନୁସାରେ ବ୍ରିଜ ନିର୍ମାଣ ପାଇଁ ସିଟି ହସ୍ପିଟାଲ ସମ୍ମୁଖ ରାସ୍ତାକୁ ପ୍ରଶସ୍ତିକରଣ ପାଇଁ ଜାଗା ଆବଶ୍ୟକ ପଡୁଅଛି । ବ୍ରିଜ ନିର୍ମାଣ ପାଇଁ ଆସୁଥିବା ଯନ୍ତ୍ରପାତିକୁ ସ୍ଥାନାନ୍ତର ପାଇଁ ମଧ୍ୟ ଅସୁବିଧା ଅସୁବିଧା । ଫ୍ଲାଏଓଭର ପାଇଁ ମୋଟ ୩୩ ଟି ପିଲର ନିର୍ମାଣ ହେବାକୁ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୯ ଟି ପିଲର କାମ ଶେଷ ହୋଇଛି। ସିଟି ହସ୍ପିଟାଲ ଛକରୁ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ୧୦ ଟି ପିଲର ପାଇଁ ଡ୍ରିଙ୍ଗି କାମ ଚାଲିଛି । କିନ୍ତୁ ମାଟି ତଳୁ ବଡ଼ ବଡ଼ ପଥର ବାହାରୁ ଥିବାରୁ ନିର୍ମାଣକାରୀ ସଂସ୍ଥା ସମସ୍ୟାର ସମ୍ମୁଖୀନ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ବୈଷୟିକ ଟିମ୍ ସହ ଜିଲା ପ୍ରଶାସନ ଆଲୋଚନା କରୁଥିବା ବେଳେ କାମକୁ ବାଧା ମୁକ୍ତ କରିବା ପାଇଁ ରାତି ୧୧ ଟା ୩୦ ରୁ ସକାଳ ୫ ଟା ୩୦ ପର୍ଯ୍ୟନ୍ତ ସିଟି ହସ୍ପିଟାଲ ଛକରୁ ରେଡି ଗ୍ୟାରେଜ ଛକ ପର୍ଯ୍ୟନ୍ତ ଯାତାୟାତ ଉପରେ କଟକଣା ଜାରି କରାଯାଇଛି। ରାସ୍ତାରେ ଭାରୀଯାନ ଚଳାଚଳ ପାଇଁ ମଧ ବାରଣ କରାଯାଇଥିବା ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ୍ କହିଛନ୍ତି ।ଏହି ଅବସରରେ ବିଧାୟକ କେ ଅନିଲ କୁମାର ପ୍ରକାଶ କରିଥିଲେ ଯେ ଜନସାଧାରଣ ସହଯୋଗ କଲେ ଗେଟ ବଜାର ଫ୍ଲାୟ ଓଭର କାମ ଦ୍ରୁତ ଗତିରେ ଅଗ୍ରଗତି ହେବ ଦେଖିବାକୁ ଗଲେ ନୀଳାଦ୍ରି ବିହାର ଛକ ଠାରୁ କାର୍ଯ୍ୟ ଚାଲିଛି ଗାଡ଼ ୱାଲ ପିଲର୍ ଠୁ ପିଲର୍ ସଂଯୋଗ କରିଚାଲିଛି ଆଶା କରୁଛି ସମୟ ସୀମା ଭିତରେ କାର୍ଯ୍ୟ ସମ୍ପୂର୍ଣ ହେବ ।

ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗତ ବର୍ଷ ବହିରେ ଶିକ୍ଷାଦାନ କରିବା ଦାବିରେ କନ୍‌ଭେନସନ

ବ୍ରହ୍ମପୁର,୫।୭ : କେବଳ ଭ୍ରମ ସଂଶୋଧନ ନୁହେଁ ବିଜ୍ଞାନସମ୍ମତ ଓ ମୌଳିକ ବିଷୟ ସନ୍ନିବେଶିତ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗତ ବର୍ଷ ବହିରେ ଶିକ୍ଷାଦାନ କରିବା,ବିଷୟ ଭିତ୍ତିକ ବିଶେଷଜ୍ଞମାନଙ୍କୁ ନେଇ ଏକ ବୋର୍ଡ ଗଠନ କରାଯାଇ ସେହି ବୋର୍ଡକୁ ପାଠ୍ୟପୁସ୍ତକ ଲେଖିବାର ଦାୟିତ୍ୱ ପ୍ରଦାନ କରି ତାଙ୍କ ନାମକୁ ସର୍ବସମ୍ମୁଖରେ ପ୍ରକାଶ କରିବା ,ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ପୁନର୍ଲିଖିତ ନୂତନ ବହି ମୁଦ୍ରଣ କରିବା,ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦ କୁ ସଂପୂର୍ଣ୍ଣ ବାତିଲ କରିବା ଦାବିରେ ଏ ଆଇ ଡି ଏସ ଓ, ଗଞ୍ଜାମ ଜିଲ୍ଲା କମିଟି ଆନୁକୂଲ୍ୟରେ ଆଜି ଏକ କନଭେନସନ ବ୍ରହ୍ମପୁର ସ୍ଥିତ ଉତ୍କଳ ଆଶ୍ରମ ଠାରେ ଅନୁଷ୍ଠିତ ହୋଇଛି। ଜାତୀୟ ଶିକ୍ଷାନୀତି (ଏନଇପି) ୨୦୨୦ ଆଧାରରେ ରାଜ୍ୟ ବିଜେପି ସରକାର ଚଳିତ ବର୍ଷ ବ୍ୟାପକ ପ୍ରସ୍ତୁତି ନ ନେଇ ତରବରିଆ ଭାବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ନୂତନ ପାଠ୍ୟପୁସ୍ତକ ଛାପିଲେ ତାହା ମାଳ ମାଳ ଭୁଲରେ ଭର୍ତ୍ତି । ତ୍ରୁଟିକୁ ସୁଧାରିବା ପାଇଁ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏକ 'ସଂଶୋଧନ ଦଲିଲ' ପ୍ରସ୍ତୁତ କରାଗଲା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଏହି ସଂଶୋଧନ ଦଲିଲରେ ମଧ ବ୍ୟାପକ ତ୍ରୁଟି ରହିଲା । ପୁଣି ଏବେ ଏହି ତ୍ରୁଟିକୁ ସଂଶୋଧନ କରି ଏସସିଇଆରଟି, ଓଡିଶା ପକ୍ଷରୁ ଗତ ୨ତାରିଖରେ ଏକ ବିଜ୍ଞପ୍ତି ଜାରି କରାଯାଇ ସର୍ବସାଧାରଣ ନିମନ୍ତେ ସୂଚନା ଦିଆଯାଇଛି ଯେ, ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସଂଶୋଧିତ ପାଠ୍ୟପୁସ୍ତକଗୁଡିକୁ ୱେବସାଇଟରେ ଦିଆଯାଇଛି ଏବଂ ସେହି ପୁସ୍ତକଗୁଡିକ ସମ୍ବନ୍ଧରେ ସୁଚିନ୍ତିତ ମତାମତ ଜନସାଧାରଣ ସାତଦିନ ମଧ୍ୟରେ ଦେବେ। ଅସଲରେ ଏହି ଜନମତ ସଂଗ୍ରହ ଆଳରେ ସରକାର ଅବୈଜ୍ଞାନିକ ଓ ଅଯୌକ୍ତିକ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଚକ୍ରାନ୍ତ କରୁଛନ୍ତି। ପ୍ରଥମତଃ ପାଠ୍ୟ ପୁସ୍ତକରେ ସଂଶୋଧନ କେବଳ କିଛି ବନାନଗତ ବା ବ୍ୟାକରଣଗତ କିମ୍ବା ତଥ୍ୟଭିତ୍ତିକ କରାଯିବ ସେତିକି ନୁହେଁ ଆହୁରି ମଧ ବିଜ୍ଞାନସମ୍ମତ ଓ ଯୁକ୍ତିସଙ୍ଗତ ଏବଂ ମୌଳିକ ଧାରଣା ଭିତ୍ତିକ ବିଷୟବସ୍ତୁ ପାଠ୍ୟ ପୁସ୍ତକରେ ସ୍ଥାନ ପାଇବା ଆବଶ୍ୟକ । ଏହା ଏତେ ଅଳ୍ପ ସମୟ ମଧ୍ୟରେ ସମ୍ଭବ ନୁହେଁ, ଏଥିପାଇଁ ବିଭିନ୍ନ ବିଷୟ ଭିତ୍ତିକ ବିଶେଷଜ୍ଞ, ଶିକ୍ଷାବିତ ଆବଶ୍ୟକ । ତେଣୁ ଚଳିତ ବର୍ଷ ଆଉ ବିଳମ୍ବ ନକରି ଗତ ବର୍ଷ ବହିରେ ପାଠ ପଢ଼ା ଆରମ୍ଭ କରାଯାଉ ବୋଲି ବକ୍ତାଗଣ ମତାମତ ରଖିଥିଲେ।

ଲଗାଣ ବର୍ଷାରେ ବେହାଲ କଟକ ସହର

ବର୍ଷା ଜଳ ନିଷ୍କାସନ କରିବାରେ ବିଫଳ ହୋଇଛି ସିଏମସି

କଟକ,୫।୭ : ଲଗାଣ ବର୍ଷାରେ ବେହାଲ କଟକ ସହର । ସହରର ଅନେକ ଅଞ୍ଚଳରେ ଜଳମଗ୍ନ ସ୍ଥିତି ସୃଷ୍ଟି ହୋଇଛି । ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଲହରୀ ମାରୁଥିବା ବେଳେ ନଦୀର ଭ୍ରମ ସୃଷ୍ଟି କରିଛି । ଲଗାଣ ବର୍ଷା ଯୋଗୁଁ ଘର ଭିତରେ ପାଣି ଜମି ରହିଛି । ବିଶେଷକରି ତଳିଆ ଅଞ୍ଚଳରେ ଥିବା ଘର ଗୁଡିକରେ ବର୍ଷା ପାଣି ଜମି ରହି ଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ସହର ବାସିନ୍ଦା । ସେହିପରି ଯାତାୟତ ବାଧାପ୍ରାପ୍ତ ହୋଇଛି । ବର୍ଷା ଜଳ ସଠିକ ଭାବରେ ନିଷ୍କାସନା ହୋଇ ପାରୁ ନଥିବାରୁ ନାଳ ପାଣି ଘରେ ପଶିଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ବର୍ଷା ଜଳ ନିଷ୍କାସନ ପାଇଁ ସିଏମସି ସମସ୍ତ ପଦକ୍ଷେପ ଗ୍ରହଣ କରୁଥିବା କଟକ ମେୟର କହିଛନ୍ତି । ଲଗାଣ ବର୍ଷାରେ



କଟକ ସହରର ରକ୍ସି ଲେନ, ମେରିଆ ବଜାର, ଫ୍ରେଣ୍ଡ୍ସ କଲୋନୀ, କାଜିବଜାର, ସୂତାହାଟ, ରାଉସାପାଟଣା, ଆଦି ଅନେକ ଅଞ୍ଚଳ ଏବେ ଜଳମଗ୍ନ ଅବସ୍ଥାରେ ରହିଛି । ଘର ଏବଂ ରାସ୍ତା ସବୁ ଆଡ଼େ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି । ସ୍ଥିତି ଏମିତି ଯେ, କିଏ ନିଜ ଘରୁ ବର୍ଷା ଜଳ ନିଷ୍କାସନ କରିବାକୁ ସାରା ରାତି ଲାଗି ପଡିଛନ୍ତି ତ ଆଉ କିଏ ରୋଷେଇ ଘରେ ପାଣି ପଶିବାରୁ ରୋଷେଇ ନକରି ଶୁଖିଲା ଖାଦ୍ୟ ଖାଇ ରହିଛନ୍ତି । ଏଭଳି ସ୍ଥିତିରେ ଅସନ୍ତୋଷ ଜାହିର କରିଛନ୍ତି ସହର ବାସିନ୍ଦା ।ସହରବାସୀଙ୍କ କହିବା ଅନୁଯାୟୀ, 'ଦୁଇ ଦିନ ହେବ ବର୍ଷା ଲାଗି ରହିଛି । ବର୍ଷା ଜଳ ନିଷ୍କାସନ ହୋଇ ପାରୁନଥିବାରୁ ଘର ଭିତରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି । ଘରୁ ବାହାରିବା ତ ଦୂରର କଥା ନିଜ ଘରେ ଥିବା ଖଟ ଉପରେ ପରିବାର ଲୋକ ଆଶ୍ରୟ କରିଛନ୍ତି । କେବେ ବର୍ଷା ଜଳ ନିଷ୍କାସନ ହେବ ତାହାକୁ ଅପେକ୍ଷା କରିଛୁ । ନିଜ ଘରେ ଯାହା ଶୁଖିଲା ଖାଦ୍ୟ ଥିଲା ତାହାକୁ ଖାଇ ରହିଛୁ ।' ଘରୁ ବର୍ଷା ଜଳ ନିଷ୍କାସନ କରିବାକୁ ପରିବାର ଲୋକ ପୁରା ରାତି ଅନିଦ୍ରା ହୋଇ ରହିଛନ୍ତି । ସିଏମସି ଜଳ ନିଷ୍କାସନ କରିବାରେ ବିଫଳ ହୋଇଥିବା ସେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଏନେଇ ପ୍ରତିକ୍ରିୟା ରଖି ସିଏମସି ମେୟର ସୁବାସ ସିଂ କହିଛନ୍ତି, 'କଟକ ସହର ଦୁଇ ନଦୀ ମଝିରେ ଖାଲ ସ୍ଥାନରେ ରହି ଥିବାରୁ ଜଳମଗ୍ନ ସ୍ଥିତି ହେବା ସ୍ୱାଭାବିକ । ମାତ୍ର ଏହାର ମୁକାବିଲା ପାଇଁ ସିଏମସି ଯଥେଷ୍ଟ ପଦକ୍ଷେପ ଗ୍ରହଣ କରୁଛି । ଜଳ ନିଷ୍କାସନ ପାଇଁ ସହରରେ ତିନି ଶହଟି ପାଣି ପମ୍ପର ବ୍ୟବସ୍ଥା କରାଯାଇଛି । ଉଚ୍ଚ କ୍ଷମତା ଥିବା ମଟର ଭଲବ ମଟର ସାହାଯ୍ୟରେ ସହରରୁ ଜଳ ନିଷ୍କାସନ କରାଯାଉଛି । ସମସ୍ତ ୱାର୍ଡରେ ପାଣି ପମ୍ପ ରହିଛି । ଗତବର୍ଷ ୨୫୦ଟି ମଟର ଥିବା ବେଳେ ଚଳିତ ବର୍ଷ ଏହାର ବୃଦ୍ଧି କରାଯାଇ ୩୦୦ଟି କରାଯାଇଛି । ପ୍ରବଳ ବର୍ଷା ହେଉଥିବାରୁ ଜଳ ନିଷ୍କାସନ କରିବାରେ ସମସ୍ୟା ସୃଷ୍ଟି ହେଉଛି । ତଥାପି ଘଣ୍ଟାଏ ମଧ୍ୟରେ ବର୍ଷା ଜଳ ନିଷ୍କାସନ ହୋଇଯିବ ।'

୩୭ଟି ପୌରାଞ୍ଚଳରେ ୭୪.୮୭ କୋଟିର ଏମଏସବିୱାଇ ପ୍ରକଳ୍ପର ଶୁଭାରମ୍ଭ କରିବେ ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର,୫।୭ : ଆଧୁନିକ, ସହନଶୀଳ ଏବଂ ନାଗରିକ-ଅନୁକୂଳ ସହରାଞ୍ଚଳ ଗଠନ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆସନ୍ତାକାଲି ଓଡ଼ିଶା ସାରା 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧୀନରେ ୪୯୪ଟି ବିକାଶମୂଳକ ପ୍ରକଳ୍ପର ଏକ ବୃହତ ପୋର୍ଟଫୋଲିଓର ଶୁଭାରମ୍ଭ କରିବାକୁ ଯାଉଛନ୍ତି । ମାନ୍ୟବର ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଆସନ୍ତାକାଲି ଅପରାହ୍ନରେ ଅନୁଷ୍ଠିତ ହେବାକୁ ଥିବା ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକର ଉଦଘାଟନ କରିବା ସହ ନୂତନ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରିବେ । ୩୭ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଏହି ପ୍ରକଳ୍ପଗୁଡ଼ିକରେ ସମୁଦାୟ ୭୪.୮୭ କୋଟି ଟଙ୍କା (୭,୪୮୭.୪୬ ଲକ୍ଷ ଟଙ୍କା) ବିନିଯୋଗ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ସହରାଞ୍ଚଳର ଭିତ୍ତିଭୂମିକୁ ସୁଦୃଢ଼ କରିବା,

ନାଗରିକ ସୁବିଧା ସୁଯୋଗରେ ସୁଧାର ଆଣିବା ଏବଂ ସହରବାସୀଙ୍କ ଜୀବନଶୈଳୀକୁ ଉନ୍ନତ କରିବା । ଏହି କାର୍ଯ୍ୟକ୍ରମର ଅଂଶସ୍ୱରୂପ, ୩୧ଟି ପୌରାଞ୍ଚଳରେ ୩୬.୮୯ କୋଟି ଟଙ୍କା (୩,୬୮୮.୭୩ ଲକ୍ଷ ଟଙ୍କା) ବ୍ୟୟରେ ନିର୍ମିତ ୩୪୪ଟି ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ । ଏହି ସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରାସ୍ତା, ନିଷ୍କାସନ ବ୍ୟବସ୍ଥା (ଡ୍ରେନେଜ୍), ଗୋଷ୍ଠୀଗତ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଜନସେବା ସମ୍ପତ୍ତି ସାମିଲ ରହିଛି, ଯାହା ନାଗରିକମାନଙ୍କୁ ସ୍ଥାୟୀ ଓ ତୁରନ୍ତ ଲାଭ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଏହି ପୌରାଞ୍ଚଳଗୁଡ଼ିକ ମଧ୍ୟରେ ବୌଦ୍ଧଗଡ଼ ସର୍ବାଧିକ ୫୮ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ବେଳେ ଏହା ପଛକୁ ବାସୁଦେବପୁର ୫୪ଟି ପ୍ରକଳ୍ପ ଏବଂ ରାଉରକେଲା ୩୪ଟି ପ୍ରକଳ୍ପ ସହିତ ରହିଛନ୍ତି । ବିକାଶର ପରବର୍ତ୍ତୀ ପର୍ଯ୍ୟାୟରେ, ୧୯ଟି ପୌରାଞ୍ଚଳରେ ୧୫୦ଟି ନୂତନ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରାଯିବ, ଯେଉଁଥିରେ ଆନୁମାନିକ ୩୭.୯୯ କୋଟି ଟଙ୍କା (୩,୭୯୮.୭୩ ଲକ୍ଷ ଟଙ୍କା) ବିନିଯୋଗ କରାଯିବ । କଟକ ମହାନଗର ନିଗମରେ ୧୭.୨୦ କୋଟି ଟଙ୍କା (୧,୭୨୦.୨୩ ଲକ୍ଷ ଟଙ୍କା) ବ୍ୟୟରେ ୫୦ଟି ନୂତନ ପ୍ରକଳ୍ପର ଶୁଭାରମ୍ଭ ହେବାକୁ ଥିବାବେଳେ, ରାୟଗଡ଼ାରେ ୨୨ଟି ନୂତନ ପ୍ରକଳ୍ପ ହାତକୁ ନିଆଯିବ, ଯାହା ଏହି ଅଞ୍ଚଳଗୁଡ଼ିକରେ ସହରୀ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ । ଏହି କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

ମମତା ମହାପାତ୍ରଙ୍କ ଇଂରାଜୀ ପୁସ୍ତକ 'ୱିମେନ ଏମ୍ପାୱାରମେ ପ୍ରୋଗ୍ରାମ୍ସ ଇନ ଆକ୍ସନ' ଉନ୍ମୋଚିତ

ଭୁବନେଶ୍ୱର,୫।୭ : ବାଲେଶ୍ୱରରୁ ପ୍ରକାଶିତ ମାସିକ ମହିଳା ସାହିତ୍ୟ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ସମ୍ପାଦିକା ମମତା ମହାପାତ୍ରଙ୍କ ଲିଖିତ ଇଂରାଜୀ ପୁସ୍ତକ 'ୱିମେନ ଏମ୍ପାୱାରମେଣ୍ଟ ପ୍ରୋଗ୍ରାମ୍ସ ଇନ୍ ଆକ୍ସନ' ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ପ୍ରେସ୍‌କ୍ଲବ ଅଫ୍ ଓଡ଼ିଶାଠାରେ ଉନ୍ମୋଚିତ ହୋଇଯାଇଛି । ଏହି ଉତ୍ସବରେ ଉଦ୍‌ଘାଟକ ଭାବରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଲେ ଯେ, ନାରୀ ସଶକ୍ତିକରଣ ସଫଳ ହେବ ଯେତେବେଳେ ନାରୀ ସମାଜରେ ତାର ଉପଯୁକ୍ତ ସମ୍ମାନ ପାଇପାରିବ । ମୁଖ୍ୟ ଅତିଥି ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମଧୁମିତା ଦାଶ ଏକ ସୁନ୍ଦର ଘଟଣା ଉପସ୍ଥାପିତ କରି ନାରୀ କିପରି ଆଜନ୍ମ ସଶକ୍ତ ସେ ବିଷୟରେ ଆଲୋଚନା କରିଥିଲେ । ପୁସ୍ତକ ସମୀକ୍ଷକ, ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ନେତାଜୀ ଅଭିନନ୍ଦନ ପୁସ୍ତକ ଉପରେ ସମୀକ୍ଷା କରି କହିଲେ ଯେ, ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ଏହା ସମାଜ ପାଇଁ ଏକ ଆହ୍ୱାନ । ଯେତେବେଳେ ପର୍ଯ୍ୟନ୍ତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାମାନେ ସମ୍ମିଳିତ ହୋଇନାହାଁନ୍ତି, ମହିଳା ସଶକ୍ତିକରଣ ସଫଳ ହୋଇପାରିବ ନାହିଁ । କାରଣ ସମାଜରେ ସେମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେଶର ବିକାଶ ପାଇଁ ମହିଳାମାନେ ସମ୍ମିଳିତ ହୋଇପାରିଲେ ଆତ୍ମନିର୍ଭରଶୀଳ ସମ୍ଭବ ହେବ । ମହିଳା ସଶକ୍ତିକରଣର ଉଭୟ ପାର୍ଶ୍ୱକୁ ଭଲ ଭାବରେ ସମୀକ୍ଷା କରିବା ସହ ନିଜର ବ୍ୟକ୍ତିଗତ ମତାମତ ମଧ୍ୟ ସେ ଦେଇଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏଆଇ ମାଧ୍ୟମରେ ଆପତ୍ତିଜନକ ପୋଷ୍ଟ

ଯୁବକ ଗିରଫ

ଭୁବନେଶ୍ୱର, ୫।୭ : ସୋସିଆଲ ମିଡିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ନେଇ କଥିତ ଆପତ୍ତିଜନକ ଓ ଏଆଇ ମାଧ୍ୟମରେ ପ୍ରସ୍ତୁତ (ମର୍ଫଡ୍) ଫଟୋ ଏବଂ ରିଲ୍ ପୋଷ୍ଟ କରିବା ଅଭିଯୋଗରେ କମିଶନରେଟ୍ ପୁଲିସର ସାଇବର ଥାନା ଜଣେ ଯୁବକଙ୍କୁ ଗିର କରିଛି । ପୋଲିସ ସୂଚନା ଅନୁଯାୟୀ, ୪ ଜୁଲାଇ ୨୦୨୬ରେ ନିୟମିତ ସୋସିଆଲ ମିଡିଆ ପାଟ୍ରୋଲିଂ ସମୟରେ 'ମିଷ୍ଟରବିଶ୍ୱ' ନାମକ ଇନଷ୍ଟାଗ୍ରାମ ଆକାଉଣ୍ଟରେ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରି ଏଆଇ ମାଧ୍ୟମରେ ପ୍ରସ୍ତୁତ ଏବଂ ମର୍ଫଡ୍ ଫଟୋ ସହ ଆପତ୍ତିଜନକ ରିଲ୍ ପୋଷ୍ଟ ହୋଇଥିବା ନଜରକୁ ଆସିଥିଲା । ଏହି ପୋଷ୍ଟଗୁଡ଼ିକରେ ଅଶ୍ଲୀଳ ଭାଷା, ଅପମାନଜନକ ଅଙ୍ଗଭଙ୍ଗୀ ଏବଂ ମାନହାନିକର ମନ୍ତବ୍ୟ ଥିବା ପୁଲିସ ଅଭିଯୋଗ କରିଛି । ସୋସିଆଲ ମିଡିଆ ପାଟ୍ରୋଲିଂ ରିପୋର୍ଟ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତ ବେଳେ ଇନଷ୍ଟାଗ୍ରାମ ଆକାଉଣ୍ଟ ପରିଚାଳନା କରୁଥିବା ବିସ୍ୱଜିତ ସାହୁ ଓରଫ 'ମିଷ୍ଟରବିଶ୍ୱ' ବିରୋଧରେ ଏହି ସାମଗ୍ରୀ ପୋଷ୍ଟ କରିଥିବା ଅଭିଯୋଗ ସାମ୍ନାକୁ ଆସିଥିବା ପୁଲିସ କହିଛି । ପୋଲିସର ଦାବି ଅନୁସାରେ, ଅଭିଯୁକ୍ତ ଇଣ୍ଟରନେଟରୁ ଫଟୋ ସଂଗ୍ରହ କରି ସେଗୁଡ଼ିକୁ ଡିଜିଟାଲ ଭାବେ ପରିବର୍ତ୍ତନ କରି ରିଲର ଥମ୍ବନେଲ୍ ଭାବେ ବ୍ୟବହାର କରୁଥିଲେ । ସେଥିରେ ମୁଖ୍ୟମନ୍ତ୍ରୀ ଓ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଆପତ୍ତିଜନକ ଭାବେ ଚିତ୍ରଣ କରାଯାଇଥିବା ସହ ଅଶ୍ଳୀଳ ଭାଷା ଓ ମାନହାନିକର ମନ୍ତବ୍ୟ ବ୍ୟବହାର କରାଯାଇଥିଲା । ଏହି ପୋଷ୍ଟଗୁଡ଼ିକ ଲକ୍ଷାଧିକ ଲୋକଙ୍କ ପାଖକୁ ପହଞ୍ଚି ଭ୍ରାନ୍ତିକର ସୂଚନା ଏବଂ ଅଶ୍ଳୀଳ ବିଷୟବସ୍ତୁ ପ୍ରଚାର କରିଥିବା ଅଭିଯୋଗ କରିଛି ପୁଲିସ ।"ତଦନ୍ତ ସମୟରେ ଅଭିଯୁକ୍ତ ବ୍ୟବହାର କରୁଥିବା ଏକ ଆଇଫୋନ୍, ଆପତ୍ତିଜନକ ପୋଷ୍ଟ ଓ ରିଲର ସ୍କ୍ରିନ୍‌ଶଟ୍, ଡାଉନଲୋଡ୍ କପି ସହ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ ଜବତ କରାଯାଇଛି ।" ଏହି ଘଟଣା ରେ ପୁଲିସ ସାଧାରଣ ଲୋକଙ୍କୁ ସୋସିଆଲ ମିଡିଆ ବ୍ୟବହାରରେ ସତର୍କ ଓ ଦାୟିତ୍ୱବାନ ହେବାକୁ ପରାମର୍ଶ ଦେଇଛି । ଏଆଇ ମାଧ୍ୟମରେ ପ୍ରସ୍ତୁତ, ମର୍ଫଡ୍, ଅଶ୍ଳୀଳ କିମ୍ବା ମାନହାନିକର ବିଷୟବସ୍ତୁ ସୃଷ୍ଟି କିମ୍ବା ପ୍ରଚାର କଲେ 'ଭାରତୀୟ ନ୍ୟାୟ ସଂହିତା–୨୦୨୩ ଏବଂ ସୂଚନା ପ୍ରଯୁକ୍ତି ଆଇନ–୨୦୦୦' ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ପୁଲିସ ସଚେତନ କରିଛି । ସନ୍ଦେହଜନକ କିମ୍ବା ବେଆଇନ ଅନଲାଇନ କାର୍ଯ୍ୟକଳା ଦେଖିଲେ ନିକଟସ୍ଥ ଥାନା କିମ୍ବା ଜାତୀୟ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲରେ ଅଭିଯୋଗ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି ।

ନିଶା ବେପାରୀ ଗିରଫ, ବ୍ରାଉନସୁଗର ଜବତ

ଭୁବନେଶ୍ୱର,୫।୭ : ଗତକାଲି ସନ୍ଧ୍ୟାରେ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଲକ୍ଷ୍ମୀସାଗର ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ସ୍ୱତନ୍ତ୍ର ଟିମ, ହଳଦୀପଡିଆ ବସ୍ତି ଅନ୍ତର୍ଗତ ଶୌଚାଳୟ ସମୁଖରେ ଅତର୍କିତ ଚଢଉ କରି ସର୍ବସାଧାରଣରେ ବେଆଇନ ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଅଭିଯୁକ୍ତ କିଷାନ ଦାସଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନଭିନ ସମୟରେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୧୦ ଗ୍ରାମ ଓଜନର ବ୍ରାଉନସୁଗାର, ଏକ ମୋବାଇଲ ଫୋନ, ଏକ ସ୍କୁଟି ଏବଂ ୪,୮୬୦ ଟଙ୍କା ଜବତ କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ଏହି ବେଆଇନ ବ୍ରାଉନସୁଗାର ବିକ୍ରୟ ନେଇ ନିଜର ଅପରାଧ ସ୍ୱୀକାର କରିଥିଲେ ।" ଏହି ଘଟଣାକୁ କେନ୍ଦ୍ରକରି ଲକ୍ଷ୍ମୀସାଗର ଥାନା ପୁଲିସ ଏକ ବେଆଇନ ବ୍ରାଉନ ସୁଗାର ବିକ୍ରୟ ଜନିତ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ କିଷାନ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଅଭିଯୁକ୍ତ କିଷାନ ଦାସଙ୍କ ନାମରେ ପୂର୍ବରୁ ମଧ୍ୟ ୨୦୧୮ ମସିହାରେ ଏକ ମାମଲା ରହିଛି ।

ହାତୁଡିରେ ପିଟି ମହିଳାଙ୍କୁ ହତ୍ୟା ଉଦ୍ୟମ

ଭିଣୋଇ ଗିରଫ

ଭୁବନେଶ୍ୱର,୫।୭: ଘରେ ପଶି ମହିଳାଙ୍କୁ ମାଡ ମାରିବା ସହ ହାତୁଡିରେ ପିଟି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଜ୍ଞାନରଞ୍ଜନ ସାହୁ ଓ ସେ ଅଭିଯୋଗକାରିଣୀର ଭିଣୋଇ ବୋଲି ଜଣାପଡିଛି । ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ।" ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ରଶ୍ମିତା ସାହୁଙ୍କ ଘର ଧଉଳି ଥାନା ଅନ୍ତର୍ଗତ ଟିକରପଡା ଅଞ୍ଚଳରେ । ଗତ ୪ ତାରିଖ ଅରାହ୍ନ ପ୍ରାୟ ୪ଟାରେ ତାଙ୍କ ଭିଣୋଇ ତଥା ଅଭିଯୁକ୍ତ ଜ୍ଞାନରଞ୍ଜନ ସାହୁ ବଳପୂର୍ବକ ତାଙ୍କ କୋଠରୀରେ ପ୍ରବେଶ କରି ତାଙ୍କୁ ଦୁର୍ବ୍ୟବହାର କରିଥିଲେ । ପ୍ରତିବାଦ କରିବାରୁ ସେ ହାତୁଡ଼ିରେ ତାଙ୍କ ମୁଣ୍ଡକୁ ଆଘାତ କରି ରକ୍ତାକ୍ତ କରିଦେଇଥିଲେ ଏବଂ ତଳେ ପକାଇ ବେକ ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ସ୍ୱାମୀଙ୍କ ହସ୍ତକ୍ଷେ ଓ ପରେ ମାଆ ଏବଂ ଅନ୍ୟ ଭଡାଟିଆମାନେ ପହଞ୍ଚିବାରୁ ଅଭିଯୋଗକାରିଣୀ ଉଦ୍ଧାର ହୋଇଥିଲେ । ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ତାଙ୍କ ସ୍ୱାମୀ ଓ ମାଆଙ୍କୁ ମଧ୍ୟ ଆକ୍ରମଣ କରି ହତ୍ୟା କରିବାର ଧମକ ଦେଇଥିଲେ । ଏହି ଘଟଣା ସମ୍ପର୍କରେ ଅଭିଯୋଗକାରିଣୀ ଥାନାରେ ମାମଲା ରୁଜୁ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।" ଘଟଣାର ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରଥିଲେ । ତଦନ୍ତ ସମୟରେ ଜଣାପଡିଥିଲା ଯେ, ଅଭିଯୋଗକାରିଣୀ, ପିଲାଙ୍କ ଶିକ୍ଷା ଏବଂ ସ୍ୱାମୀଙ୍କ ଚିକିତ୍ସା ପାଇଁ ବରମୁଣ୍ଡାରେ ରହୁଥିବା ବେଳେ, ଅଭିଯୁକ୍ତ ଜ୍ଞାନରଞ୍ଜନ ସାହୁ ଟିକରପଡ଼ାସ୍ଥିତ ଘରେ ରହି ତାଙ୍କର ଶୟନକକ୍ଷ ବ୍ୟବହାର କରୁଥିଲେ । ଘଟଣା ଦିନ ଅଭିଯୋଗକାରିଣୀ ପରିବାର ସହ ଘରକୁ ଫେରି କୋଠରୀ ଖୋଲିବା ପରେ ସେଠାରେ ବିଭିନ୍ନ ଅଳିଆ ପଦାର୍ଥ ପଡ଼ିଥିବା ଦେଖି ପ୍ରତିବାଦ କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଓ ଠେଲାପେଲା ହୋଇଥିଲା ।

ଚାଉଳିଆଗଞ୍ଜ ଥାନା ଆଇଆଇସିଙ୍କ ମୃତ୍ୟୁ ପ୍ରସଙ୍ଗ

ତଦନ୍ତ ରିପୋର୍ଟ ସାର୍ବଜନୀନ କରିବାକୁ ଦାବି କଲା ସଙ୍ଘ

କଟକ,୫।୭ : ଚାଉଳିଆଗଞ୍ଜ ଥାନା ଅଧିକାରୀ ବିୟୁଟି ମହାନ୍ତିଙ୍କ ମୃତ୍ୟୁ ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା ଓଡିଶା ପୋଲିସ ମହାସଂଘ । ଏନେଇ ଆଜି ସାମ୍ବାଦିକ ସମ୍ମିଳନୀ ଜରିଆରେ ମହାସଙ୍ଘର ସଭପତି ଦାବି କରିଛନ୍ତି । ୩୦ ଦିନ ମଧ୍ୟରେ ଉଚ୍ଚ ସ୍ତରୀୟ ତଦନ୍ତ କରି ରିପୋର୍ଟ ସାର୍ବଜନୀନ କରିବାକୁ ସଙ୍ଘ ଦାବି କରିଛି । ଏହି ଘଟଣାକୁ ପୋଲିସ କେବଳ ୟୁଡ଼ି କେଶ କରିଦେଇ ବସି ଗଲେ ହେବ ନାହିଁ, ବରଂ ସ୍ୱଚ୍ଛତାର ସହ ତଦନ୍ତ କରିବାକୁ ଦାବି କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ପୋଲିସ ସଂଘ ପକ୍ଷରୁ ଦାବି କରାଯାଇଛି, ପୋଲିସ କାର୍ଯ୍ୟ କ୍ଷେତ୍ରରେ ଚାପରେ ରହୁଛି । ସପ୍ତାହକ ୭ଦିନ ପୋଲିସ କାର୍ଯ୍ୟ କରୁଥିବା ବେଳେ ଛୁଟି ମିଳୁନାହିଁ । ଅନେକ ପୋଲିସ ଅଧିକାରୀମାନେ କାର୍ଯ୍ୟରେ ଲିପ୍ତ ରହି ମାନସିକ ଚାପର ଶିକାର ହେଉଛନ୍ତି । ରାଜ୍ୟ ସରକାର ସମସ୍ତଙ୍କୁ ପ୍ରତି ସପ୍ତାହରେ ଗୋଟିଏ ଦିନ ଛୁଟି ଦେବକୁ ସଙ୍ଘ ଦାବି କରିଛି । ଚାଉଳିଆଗଞ୍ଜ ଥାନା ଅଧିକାରୀ ଚାପରେ ରହୁଥିଲେ କି ନାହିଁ ସେନେଇ ସଙ୍ଘ କୌଣସି ସିଧାସଳଖ ଉତ୍ତର ଦେଇନଥିବା ବେଳେ ଏହାର ସଠିକ ତଦନ୍ତ କରିବାକୁ ଦାବି କରିଛି ସଙ୍ଘ । ସଭାପତି କହିଛନ୍ତି, ବିୟୁଟି ମହାନ୍ତି ଜଣେ ଦକ୍ଷ ଅଫିସର ଥିଲେ । ତାଙ୍କର ମୃତ୍ୟୁର କାରଣ ଏବେବି ଅସ୍ପଷ୍ଟ ରହିଥିବା ବେଳେ ଏହା ସମସ୍ତ ପୋଲିସ ଅଧିକାରୀଙ୍କ ମନବଳ ହ୍ରାସ କରିଛି । ଭବିଷ୍ୟତରେ ଏହି ଘଟଣାର ଯେପରି ପୁନରାବୃତ୍ତି ନହେବ ସେନେଇ ପଦକ୍ଷେପ ନେବାକୁ ଓଡିଶା ପୋଲିସ ଅଫିସର୍ସ ସଂଘ ସଭାପତି ଅସିତ ଜେନା ଦାବି କରିଛନ୍ତି । ଥାନା ଅଧିକାରୀ ବିୟୁଟି ମହାନ୍ତିଙ୍କ ମୃତ୍ୟୁ ଘଟଣାରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ପୋଲିସ । କାହିଁକି ସେ ଏପରି ଚରମ ନିଷ୍ପତ୍ତି ନେଲେ ! କୌଣସି ଚାପ ନୁହେଁ ବରଂ ବ୍ୟକ୍ତିଗତ କାରଣ ଯୋଗୁଁ ଆତ୍ମହତ୍ୟା କରିଥିବା ନେଇ ପୋଲିସ କମିଶନର କହିଥିଲେ ।

କବିତା ପୁସ୍ତକ ମୁଠାଏ ଅବସୋସ ଲୋକାର୍ପିତ

ଭୁବନେଶ୍ୱର,୫।୭ : ପ୍ରତ୍ୟେକଟି ସାହିତ୍ୟିକଙ୍କ ଜୀବନ ଅବସୋସ । ବିନା ଅବସୋସରେ ସାହିତ୍ୟିକ ଜୀବନ ନାହିଁ । ଜଣେ ସାହିତ୍ୟିକ ଜୀବନ କାଳ ମଧ୍ୟରେ ଅନେକ ସାହିତ୍ୟ ରଚନା କରିଥାଏ । ୧୦୦ ଖଣ୍ଡ ବହି ପ୍ରକାଶିତ ହୋଇ ସାରିବା ପରେ ବି ମନରେ ଅବସୋସ ଥାଏ ଯେ ଆଉ କିଛି ରହିଗଲା । ଏହି ଅବସୋସ ହିଁ ନୂତନ ସାହିତ୍ୟ ସୃଷ୍ଟି କରେ । ଏ ଅବସୋସ ସାହିତ୍ୟିକ ମାନଙ୍କ ପାଇଁ ମୂଲ୍ୟବାନ ଉପହାର । ଅବସୋସ ନରହିଲେ ସାହିତ୍ୟିକ ଜୀବନ ସଫଳ ହେବ ନାହିଁ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁସାହିତ୍ୟିକା ତଥା କାଦମ୍ବିନୀର ସମ୍ପାଦିକା ଡକ୍ଟର ଇତି ସାମନ୍ତ କହିଛନ୍ତି । ଆଜି ପଟିଆ ସ୍ଥିତ ତ୍ରିଷ୍ଣା ମଣ୍ଡପରେ କବିତା ପୁସ୍ତକ ଲୋକାର୍ପଣ ଉତ୍ସବରେ ବନଫୁଲ ପ୍ରକାଶିତ କବି ନାରାୟଣ ସେଠୀଙ୍କ ଦ୍ୱିତୀୟ କବିତା ସଂକଳନ ମୁଠାଏ ଅବସୋସ ଲୋକାର୍ପିତ ହୋଇଯାଇଛି । ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁସାହିତ୍ୟିକା ତଥା କାଦମ୍ବିନୀର ସମ୍ପାଦିକା ଡକ୍ଟର ଇତି ସାମନ୍ତ, ମୁଖ୍ୟବକ୍ତା ଭାବେ କବି ତଥା ସମାଲୋଚକ ପ୍ରଫେସର ପ୍ରଦୀପ୍ତ କୁମାର ବାରିକ ଯୋଗଦେଇ ପୁସ୍ତକର ସମୀକ୍ଷା କରିଥିଲେ । ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ କୁମାର ଦାସ, ବନଫୁଲ ପ୍ରକାଶନୀର ମୁଖ୍ୟ ପବିତ୍ର ବ୍ରହ୍ମପୁତ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ । କବି ନାରାୟଣ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଦୁଇ ବାଇକ ଲୁଟେରା ଗିରଫ ପରେ କୋର୍ଟ ଚାଲାଣ

ଭୁବନେଶ୍ୱର,୫।୭ : ବାଇକ ଚୋରି କରିବା ଅଭିଯୋଗରେ ଶହିଦନଗର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ବୁନେଶ ନାୟକ ଓରଫ ବୁନୁ ଓ ଅଖିଳ ନାୟକ । ଏମାନଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ରାଜଭିଷେକ ସାସମଲ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଚାନ୍‌ସେଲର ହୋଟେଲର ଉପର ମହଲାରେ ଥିବା ଏକ କାର୍ଯ୍ୟାଳୟର ବିକ୍ରୟ ବିଭାଗରେ କାର୍ଯ୍ୟରତ ଅଛନ୍ତି । ଗତ ୨୨.୦୬.୨୦୨୬ ଦିନ ପ୍ରାୟ ୧୨ଟା ସମୟରେ ସେ

ଓ ତାଙ୍କ ବନ୍ଧୁ ଦୀପକ ସ୍ୱାଇଁଙ୍କ ସହ ମୋଟରସାଇକେଲ ଯୋଗେ କ୍ୟାପିଟାଲ ହସ୍ପିଟାଲରୁ କାର୍ଯ୍ୟାଳୟକୁ ଫେରୁଥିବା ବେଳେ, ରୂପାଲି ଛକ ନିକଟ ଏକ ସାର୍ବଜନୀନ ଶୌଚାଳୟ ପାଖରେ ଅଟକିଥିଲେ । ମୋଟରସାଇକେଲ ରାସ୍ତା କଡ଼ରେ ରଖି ସେ ଶୌଚାଳୟକୁ ଯାଇଥିଲେ । ଫେରିବା ପରେ ମୋଟରସାଇକେଲଟି ଆଉ ସେଠାରେ ନଥିବା ଦେଖି ପ୍ରଥମେ ବନ୍ଧୁ ନେଇଯାଇଥିବା ସନ୍ଦେହ କରିଥିଲେ, କିନ୍ତୁ ପରେ ତାଙ୍କ ସନ୍ଦେହ ଭୁଲ ପ୍ରମାଣିତ ହୋଇଥିଲା । ବହୁ ଖୋଜାଖୋଜି ସତ୍ତ୍ୱେ ଗାଡ଼ିଟି ମିଳିନଥିବାରୁ ଅଜଣା ବ୍ୟକ୍ତି ଚୋରି କରିଥିବା ଜାଣି ସେ ମାମଲା ରୁଜୁ କରି ମୋଟରସାଇକେଲ ଉଦ୍ଧାର ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ଅନୁରୋଧ କରିଥିଲେ । ପୁଲିସ ଏହି ମାମଲାର ତଦନ୍ତ କରିବା ସହ ଘଟଣା ସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ । ସିସିଟିଭି ଫୁଟେଜ୍ ବିଶ୍ଳେଷଣରୁ ଜଣାପଡ଼ିଥିଲା ଯେ, ଚୋରି ହୋଇଥିବା ମୋଟରସାଇକେଲଟି ୟୁନିଟ୍-୯ରୁ ନିକ୍‌କୋ ପାର୍କ ଛକ, ରେଡକ୍ରସ୍ ଛକ, ୧୨୦ ବାଟାଲିୟନ ଛକ ଓ ପାୱାର ହାଉସ୍ ଛକ ଦେଇ ୟୁନିଟ୍-୮ ଅଭିମୁଖେ ଯାଇଥିଲା । ଚୋରି ହୋଇଥିବା ମୋଟରସାଇକେଲ ସହିତ ଏକ ମୋଟରକାର ମଧ୍ୟ ଚିହ୍ନଟ ହୋଇଥିଲା । ଗାଡ଼ିର ମାଲିକଙ୍କ ସହ ଯୋଗାଯୋଗ କରିବାରୁ ସେ ତାଙ୍କ ଡ୍ରାଇଭର ବୁନେଶ ନାଏକ ଓର ବୁନୁଙ୍କୁ ଚିହ୍ନଟ କରିଥିଲେ, ଯିଏ ସେତେବେଳେ ଟିପିକଲରେ ଡ୍ରାଇଭର ଭାବେ କାର୍ଯ୍ୟରତ ଥିଲେ । ଅଭିଯୁକ୍ତ ବୁନେଶ ନାଏକଙ୍କ ଗତିବିଧି ଉପରେ ନଜର ରଖି ୟୁନିଟ୍-୯ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା । ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଥିଲେ ମଧ୍ୟ ତାଙ୍କର ଜଣେ ସହଯୋଗୀଙ୍କୁ ଅଟକ ରଖାଯାଇଥିଲା । ଚରାଉଚରା ବେଳେ ସେ ବୁନେଶ ନାଏକଙ୍କ ବାସସ୍ଥାନର ଠିକଣା ପ୍ରକାଶ କରିବା ସହ ଚୋରି ହୋଇଥିବା ମୋଟରସାଇକେଲଟି ଶିଖରପୁରସ୍ଥିତ ତାଙ୍କ ପୈତୃକ ଘରେ ରଖାଯାଇଥିବା ସୂଚନା ଦେଇଥିଲେ । ଅଭିଯୁକ୍ତ ବୁନେଶ ନାଏକଙ୍କ ଘରେ ଚଢ଼ଉ କରାଯାଇଥିବା ବେଳେ, ଅଭିଯୁକ୍ତ ଫେରାର ଥିଲେ ମଧ୍ୟ ତାଙ୍କ ବାପା ବନମାଳୀ ନାଏକଙ୍କ କବଜାରୁ ଚୋରି ହୋଇଥିବା ମୋଟରସାଇକେଲ ଉଦ୍ଧାର କରାଯାଇଥିଲା । ବନମାଳୀ ନାଏକଙ୍କ ବୟାନରୁ ଜଣାପଡ଼ିଥିଲା ଯେ, ମୋଟର ସାଇକେଲଟି ତାଙ୍କ ପୁଅ ବୁନେଶ ଭୁବନେଶ୍ୱରରୁ ଆଣିଥିଲେ । ପରବର୍ତ୍ତୀ ଚଢ଼ଉରେ ବୁନେଶ ନାଏକଙ୍କୁ ମୋଟରକାର ସହ ଗିରଫ କରି କାରଟିକୁ ମଧ୍ୟ ଜବତ କରାଯାଇଥିଲା ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha

Mob : +91 9692701007, 9438119777 | Email : pratishabda7@gmail.com | Website : www.pratishabda.com

Editor : Ipsita Pati   Executive Editor : Satyajit Mohapatra   Managing Editor : Jitendra Ku. Pati